# ୭ଟି ଭାଷାରେ ନିର୍ମାଣ ହେବ 'ଜୟ ମା ସମଲେଇ' ସିନେମା: ପୋଷ୍ଟର ଉନ୍ମୋଚିତ

ସମ୍ବଲପୁର : ବିଶିଷ୍ଟ ଚଳଚ୍ଚିତ୍ର ନିର୍ଦ୍ଦେଶକ, ନିର୍ମାତା ତଥା ଲେଖକ ସବ୍ୟସାଚୀ ମହାପାତ୍ରଙ୍କ ନିର୍ଦ୍ଦେଶନାରେ ମା' ସମଲେଇଙ୍କ ମହିମାକୁ ନେଇ ଏକ ବହୁଭାଷୀ ଚଳଚ୍ଚିତ୍ର ନିର୍ମାଣ ହେବ । ନିକଟରେ ମା' ସମଲେଶ୍ୱରୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା ପରେ ଏହାର ପୋଷ୍ଟର ଉନ୍ମୋଚନ କରାଯାଇଛି । ଚଳଚ୍ଚିତ୍ରର କାହାଣୀ ପ୍ରସ୍ତୁତ ହୋଇ ସାରିଥିବା ବେଳେ କଳାକାର ଚୟନ ପ୍ରକ୍ରିୟା ଆରମ୍ଭ ହୋଇନାହିଁ । ପୂର୍ବରୁ 'ଜୟ ଜଗନ୍ନାଥ' ଚଳଚ୍ଚିତ୍ର ୧୫ଟି ଭାଷାରେ ନିର୍ମାଣ ହୋଇଥିବା ବେଳେ 'ଜୟ ମା ସମଲେଇ' ପ୍ରାଥମିକ ଭାବରେ ୭ଟି ଭାଷାରେ ନିର୍ମାଣ ହେବ ବୋଲି ଶ୍ରୀ ମହାପାତ୍ର ସୂଚନା ଦେଇଛନ୍ତି । ସନ୍‌ସା ସିଗ୍‌ନେଚର, ଶିରିଡି ସାଇ ବାବା ମୁଭିଜ୍ ଓ ନ୍ୟୁ ଜେନେରେସନ ଫିଲ୍ମସ ନାମକ ତିନିଟି ପ୍ରଯୋଜନା ସଂସ୍ଥା ମିଳିତ ଭାବେ ଏହାର ନିର୍ମାଣ କରୁଛନ୍ତି । ବିଭିନ୍ନ ଅଞ୍ଚଳର ସହ ସମ୍ବଲପୁର ଅଞ୍ଚଳରେ ଏହାର ସୁଟିଂ ହେବ । ପୋଷ୍ଟର ଉନ୍ମୋଚନ ଉତ୍ସବରେ ଶ୍ରୀ ମହାପାତ୍ରଙ୍କ ସହ ସନଲିସା ସିଗନେଚରର ସତ୍ତ୍ୱାଧିକାରୀ ସନଲିସା ପଟେଲ, ଶିରିଡି ସାଇ ବାବା ମୁଭିଜ୍‌ର ପ୍ରଣୟ ଜେଠୀ ଓ ନ୍ୟୁ ଜେନେରେସନର ସତ୍ତ୍ୱାଧିକାରୀ କୁମାର ଶ୍ରୀଦେବ ମହାପାତ୍ରଙ୍କ ସହିତ ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ, ଅରବିନ୍ଦ ମହାପାତ୍ର, ଅର୍ଜୁନ ରଂଜନ ପଣ୍ଡା, ହେମନ୍ତ କୁମାର ମହାପାତ୍ର, ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ ବାବୁ, ଡକ୍ଟର ତପସ୍ୱିନୀ ଗୁରୁ, ସଞ୍ଜୟ ପଟେଲ, ଜିତେନ୍ଦ୍ରିୟ ହୋତା, ଅମିତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।



ସାପ୍ତାହିକ ସ୍ୱୀକାର
Postal Regd. No.: SBP/RN-01/2022-2024
The Sweekar स्वीकार
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ସ୍ୱ ଶରତ ନାରାୟଣ ବେହେରା
RNI No. 66443/94
Vol.28 | Issue - 5 | 04 - 10 February 2024 | Sambalpur | Page- 8 | Invitation Price Rs.10






Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 0663- 2950945
e-mail: hemantamahapatra@yahoo.com Editor : Hemanta Kumar Mahapatra

# ଆଇଆଇଏମ୍ ସମ୍ବଲପୁର ଓଡ଼ିଶାର ଭୂମିକାକୁ ସଶକ୍ତ କରିବ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ






**୬୮ ହଜାର କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କଲେ ମୋଦୀ**








ସମ୍ବଲପୁର : ଓଡ଼ିଶାକୁ ଶିକ୍ଷା ଓ କୌଶଳ ବିକାଶର ଏକ ମହତ୍ତ୍ୱପୂର୍ଣ୍ଣ କେନ୍ଦ୍ରରେ ପରିଣତ କରିବା ପାଇଁ କେନ୍ଦ୍ର ସରକାର ସର୍ବଦା ପ୍ରୟାସ କରୁଛନ୍ତି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି।

ପ୍ରାୟ ୪ ଶହ କୋଟି ଟଙ୍କା ବ୍ୟୟରେ ନିର୍ମିତ ଆଇଆଇଏମ ସମ୍ବଲପୁରର ସ୍ଥାୟୀ କ୍ୟାମ୍ପସ ଲୋକାର୍ପଣ ଉତ୍ସବରେ ଯୋଗଦେଇ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ତି ଯେ, ଗତ ଦଶନ୍ଧିରେ ଓଡ଼ିଶାକୁ ମିଳିଥିବା ଆଧୁନିକ ଓ ଶିକ୍ଷାସଂସ୍ଥାନ ଯୁବକମାନଙ୍କର ଭାଗ୍ୟକୁ ବଦଳାଉଛି। ଏବେ ଆଇଆଇଏମ୍ ସମ୍ବଲପୁର ମଧ ମ୍ୟାନେଜମେଣ୍ଟର ଆଧୁନିକ ସଂସ୍ଥାନ ରୂପରେ ଓଡ଼ିଶାର ଭୂମିକାକୁ ଆହୁରି ସଶକ୍ତ କରୁଛି। ଉଲ୍ଲେଖଯୋଗ୍ୟ ଯେ, ଗତ ୨୦୨୧ରେ କୋଭିଡ୍ ସମୟରେ ପ୍ରଧାନମନ୍ତ୍ରୀ ମୋଦୀ ନିଜେ ଭିଡିଓ କନଫରେନ୍ସିଂ ଜରିଆରେ ଆଇଆଇଏମ୍ ସମ୍ବଲପୁରର ନୂତନ କ୍ୟାମ୍ପସ ଶିଳାନ୍ୟାସ କରିଥିଲେ।

ସେ କହିଥିଲେ ଯେ, କେନ୍ଦ୍ର ସରକାର ବିଗତ ୧୦ ବର୍ଷରେ ଓଡ଼ିଶାକୁ ପ୍ରତ୍ୟେକ କ୍ଷେତ୍ରରେ ଅଧିକରୁ ଅଧିକ ସହଯୋଗ କରି ଆସୁଛି। ଓଡ଼ିଶାର ଗ୍ରାମାଞ୍ଚଳରେ ୫୦ ହଜାର କିଲୋମିଟର ରାସ୍ତା ତିଆରି ହୋଇଛି। ୪ ହଜାର କିଲୋମିଟର ଜାତୀୟ ରାଜପଥ ନିର୍ମାଣ କରାଯାଇଛି। ଗତ ୧୦ ବର୍ଷରେ ରେଳବାଇ କ୍ଷେତ୍ରରେ ବିକାଶ ଲାଗି ଓଡ଼ିଶାକୁ ୧୨ଗୁଣା ଅଧିକ ଅନୁଦାନ ଦିଆଯାଇଛି। ଆଜିଠାରୁ ସୋନପୁରକୁ ରେଳ ସଂଯୋଗ ହୋଇଛି। ଏହାଫଳରେ ଜଗନ୍ନାଥଙ୍କ ଦର୍ଶନ ସୁବିଧା ଜନକ ହେବ। ଗତ ୧୦ ବର୍ଷରେ ପେଟ୍ରୋଲିୟମ କ୍ଷେତ୍ରରେ ଦେଢ଼ ଲକ୍ଷ କୋଟିର ନିବେଶ କରାଯାଇଛି। ନୂଆଁଖିଣି ନିୟମ ଯୋଗୁଁ ଓଡ଼ିଶାକୁ ୧୦ ଗୁଣ ଲାଭ ମିଳିଛି।

ଏହି ଅବସରରେ ଶ୍ରୀ ମୋଦୀ ଶିକ୍ଷା, ରେଳ, ରାସ୍ତା, ବିଜୁଳି ଓ ପେଟ୍ରୋଲିୟମ ବିଭାଗ ସହିତ ସମ୍ପୃକ୍ତ ଯୋଜନାମାନଙ୍କର ଲୋକାର୍ପଣ ଓ ଶିଳାନ୍ୟାସ କରି କହିଥିଲେ ଯେ, ଏଥିରୁ ଓଡ଼ିଶାର ଗରିବ, ଶ୍ରମିକ, କର୍ମଚାରୀ, ଦୋକାନୀ, ବ୍ୟବସାୟୀ ଭଳି ସମସ୍ତ ବର୍ଗର ଲୋକଙ୍କୁ ଲାଭ ମିଳିବ। ଏହି ଯୋଜନାଗୁଡିକ ଓଡ଼ିଶାରେ ଯୁବକମାନଙ୍କର ରୋଜଗାରର ରାସ୍ତା ଯୋଗାଇବ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୭,୨୧୨ ଟଙ୍କା ନିବେଶରେ ଏନ୍‌ଏଲ୍‌ସି ଇଣ୍ଡିଆ ଲିମିଟେଡ୍‌ର ତାଲାବିରା ଠାରେ ୨୪୦୦ ମେଗାୱାଟ କୋଇଲା ଆଧାରିତ ଥର୍ମାଲ ପାୱାର ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଦ୍ୱିତୀୟ ପର୍ଯ୍ୟାୟରେ ପ୍ରାୟ ୮୦୦୦ କୋଟିରୁ ଅଧିକ ଟଙ୍କା ବିନିଯୋଗ ସହିତ ୮୦୦ ମେଗାୱାଟ ପ୍ରକଳ୍ପର ମଧ ଯୋଜନା କରାଯାଇଛି। ଏହି ପ୍ରକଳ୍ପ ନିମନ୍ତେ ନିକଟବର୍ତ୍ତୀ ତଲାବିରା ୨ ଓ ୩ ଖଣିରୁ କୋଇଲା ଯୋଗାଣ କରାଯାଇଛି। ଏହି ପ୍ରକଳ୍ପ ପ୍ରଥମ ପର୍ଯ୍ୟାୟରେ ଓଡ଼ିଶା ଓ ଅନ୍ୟ ରାଜ୍ୟଗୁଡ଼ିକୁ ୧୭୮୭ କୋଟି ୟୁନିଟ୍ ବିଜୁଳି ଯୋଗାଇ ଦେବ।

ସେହିପରି 'ଜଗଦୀଶପୁର-ହଳଦିଆ ଏବଂ ବୋକାରୋ-ଧାମରା ପାଇପଲାଇନ ପ୍ରକଳ୍ପ' ର 'ଧାମରା – ଅନୁଗୁଳ ୪୧୨ କିମି ଦୈର୍ଘ୍ୟ ପାଇପ ଲାଇନ ସେକ୍ସନ' କୁ ମଧ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଦ୍‌ଘାଟନ କରିଛନ୍ତି। 'ପ୍ରଧାନ ମନ୍ତ୍ରୀ ଉର୍ଜା ଗଙ୍ଗା' ଯୋଜନା ଅଧୀନରେ ୨୪୫୦ କୋଟିରୁ ଅଧିକ ଟଙ୍କା ବ୍ୟୟରେ ନିର୍ମିତ ଏହି ପ୍ରକଳ୍ପ ଓଡ଼ିଶାକୁ ଜାତୀୟ ଗ୍ୟାସ୍ ଗ୍ରିଡ୍ ସହିତ ସଂଯୋଗ କରିବ। ସେ ମୁମ୍ବାଇ- ନାଗପୁର- ଝାରସୁଗୁଡା ପାଇପ୍‌ଲାଇନର 'ନାଗପୁର ଝାରସୁଗୁଡ଼ା ପ୍ରାକୃତିକ ଗ୍ୟାସ ପାଇପ୍‌ଲାଇନ ବିଭାଗ'ର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ୬୯୨ କିମି ବିଶିଷ୍ଟ ୨୬୬୦ କୋଟିରୁ ଅଧିକ ଟଙ୍କା ବ୍ୟୟରେ ବିକଶିତ ହେବାକୁ ଥିବା ଏହି ପ୍ରକଳ୍ପ ଓଡ଼ିଶା, ମହାରାଷ୍ଟ୍ର ଏବଂ ଛତିଶଗଡ ଭଳି ରାଜ୍ୟରେ ପ୍ରାକୃତିକ ଗ୍ୟାସ ଉପଲବ୍ଧତାକୁ ସୁଦୃଢ଼ କରିବ।

ସୁନ୍ଦରଗଡ ଜିଲ୍ଲାର ଏନ୍‌ଟିପିସି ଦର୍ଲିପାଲି ସୁପର୍ ଥର୍ମାଲ ପାୱାର ଷ୍ଟେସନ ଏବଂ ଏନ୍‌ଏସ୍-ପିସିଏଲ୍ ରାଉରକେଲା ପିପି-୨ ପ୍ରକଳ୍ପ ବିସ୍ତାରକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶ ପାଇଁ ଉତ୍ସର୍ଗ କରିଛନ୍ତି ଏବଂ ଏନ୍‌ଟିପିସି ତାଳଚେର ଥର୍ମାଲ ପାୱାର ପ୍ରକଳ୍ପ ତୃତୀୟ ପର୍ଯ୍ୟାୟର ଶିଳାନ୍ୟାସ କରିଛନ୍ତି।

ଏମ୍‌ସିଏଲ୍‌ର ପ୍ରାୟ ୨୧୪୫ କୋଟି ଟଙ୍କା ମୂଲ୍ୟରେ ନିର୍ମିତ ଭୁବନେଶ୍ୱରୀ ଫେଜ-୧ ପର୍ଯ୍ୟାୟ ଏବଂ ଲଜକୁରା ଆର୍‌ଏଲ୍‌ଏସ୍ ସହିତ କୋହଳ ଭିତ୍ତିଭୂମି ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି। ଝାରସୁଗୁଡ଼ା ୫୫୦ କୋଟିରୁ ଅଧିକ ମୂଲ୍ୟରେ ନିର୍ମିତ ଇବ୍ ଭ୍ୟାଲି ୱାସେରିକୁ ମଧ ପ୍ରଧାନମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି। ପ୍ରାୟ ୮୭୮ କୋଟି ଟଙ୍କା ବ୍ୟୟରେ ନିର୍ମିତ ଝାରସୁଗୁଡା-ବରପାଲି-ସରଡ଼େଗା ରେଳଲାଇନ ପ୍ରଥମ ସୋପାନର ୫୦ କିଲୋମିଟର ଲମ୍ବା ଦ୍ୱିତୀୟ ଟ୍ରକ୍ସ ସେ ଦେଶ ପାଇଁ ଉତ୍ସର୍ଗ କରିଛନ୍ତି। ପ୍ରାୟ ୨୧୧୦ କୋଟି ଟଙ୍କା ବ୍ୟୟରେ ବିକଶିତ ଜାତୀୟ ରାଜ ପଥର ତିନୋଟି ସଡ଼କ ପ୍ରକଳ୍ପକୁ ମୁଲି-କୋଇଡା ସେକ୍ସନର ଚାରି ଲେନ, ବୀରମିତ୍ରପୁର-ବ୍ରାହ୍ମଣୀ ବାଇପାସ୍ ପାର୍ଶ୍ୱ ସେକ୍ସନ ଏବଂ ବ୍ରାହ୍ମଣୀ ବାଇପାସ୍ ପାର୍ଶ୍ୱ -ରାଜାମୁଣ୍ଡା ସେକ୍ସନର ଚାରି ଲେନ୍‌ର ମଧ ଉଦ୍‌ଘାଟନ କରିଛନ୍ତି। ପ୍ରାୟ ୨୧୪୬ କୋଟି ଟଙ୍କାର ରେଳ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ପ୍ରଧାନମନ୍ତ୍ରୀ। ଶୈଳଶ୍ରୀ ରାଜପ୍ରାସାଦର ସ୍ଥାପତ୍ୟ ଢାଞ୍ଚାରେ ସମ୍ବଲପୁର ରେଳ ଷ୍ଟେସନର ପୁନର୍ବିକାଶ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ସେ ଏହି ଅଞ୍ଚଳରେ ରେଳ ନେଟୱାର୍କର କ୍ଷମତା ବୃଦ୍ଧି କରି ସମ୍ବଲପୁର-ତାଳଚେର ଦୋହରୀକରଣ ରେଳଲାଇନ ଏବଂ ଖୋର୍ଦ୍ଧା ରୋଡ଼- ବଲାଙ୍ଗୀର ରେଳପଥର ଝାରତରଭା- ସୋନପୁର ନୂତନ ରେଳଲାଇନକୁ ଦେଶକୁ ସମର୍ପିତ କରିଛନ୍ତି। ପ୍ରଧାନମନ୍ତ୍ରୀ ମଧ ପୁରୀ-ସୋନପୁର-ପୁରୀ ସାପ୍ତାହିକ ଏକ୍ସପ୍ରେସକୁ ସବୁଜ ପତାକା ପ୍ରଦର୍ଶନ କରି ଆରମ୍ଭ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଝାରସୁଗୁଡା ହେଡ୍ ପୋଷ୍ଟ ଅଫିସ୍ ହେରିଟେଜ୍ ବିଲଡିଂକୁ ମଧ ଦେଶ ପାଇଁ ଉତ୍ସର୍ଗ କରିଛନ୍ତି।




ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଉଦ୍‌ବୋଧନ ଦେଇ ଆଇଆଇଏମର ନୂଆ ପରିସର ନିର୍ଦ୍ଧାରିତ ସମୟରେ ଶେଷ ହୋଇଥିବାରୁ ଧନ୍ୟବାଦ ଜଣାଇଥିଲେ। ସେ କହିଥିଲେ ଯେ, ଷ୍ଟାର୍ଟଅପ୍ ମାନଙ୍କ ପାଇଁ ଏକ ଭଲ ସମୟ ଆସିଛି। ଷ୍ଟାର୍ଟଅପ୍‌କୁ ପ୍ରୋତ୍ସାହନ ଦେବାରେ ଓଡ଼ିଶା ଆଗରେ ରହିଛି ବୋଲି ସେ କହିଥିଲେ।

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରଧାନମନ୍ତ୍ରୀଙ୍କୁ ଉପଢ଼ୌକନ ଦେଇ ସ୍ୱାଗତ ଭାଷଣ ଦେଇଥିଲେ। ସମ୍ବଲପୁର ସାଂସଦ ନୀତେଶ ଗଙ୍ଗଦେବ ମହିମା ଧର୍ମର ଏକ ପୁସ୍ତକ ଏବଂ ବିଧାୟକ ନାଉରୀ ନାୟକ ବୀର ସୁରେନ୍ଦ୍ର ସାଏଙ୍କ ଏକ ଫଟୋଚିତ୍ର ପ୍ରଧାନମନ୍ତ୍ରୀଙ୍କୁ ଉପହାର ଦେଇଥିଲେ।

ଉତ୍ସବରେ ଅନ୍ୟାନ୍ୟମାନଙ୍କ ମଧରେ ରାଜ୍ୟପାଳ ରଘୁବର ଦାସ, କେନ୍ଦ୍ର ରେଳ, ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, କେନ୍ଦ୍ର ଜଳସଂପଦ ରାଷ୍ଟ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁ ଓ ଆଇଆଇଏମ୍ ନିର୍ଦ୍ଦେଶକ ପ୍ରଫେସର୍ ମହାଦେବ ଜୟସ୍ୱାଲ୍ ପ୍ରମୁଖ ମଞ୍ଚାସୀନ ଥିଲେ। ପରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ରେମେଡ଼ ଠାରେ ଆୟୋଜିତ ବିଶାଳ ଗ୍ୟାରେଣ୍ଟି ସମାବେଶରେ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ବିଜେପିର ରାଜ୍ୟ ସଭାପତି ମନମୋହନ ସାମଲ ସ୍ୱାଗତ ଭାଷଣ ଦେଇଥିବା ବେଳେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଏକ ଫଟୋଚିତ୍ର ଏବଂ ଜିଲ୍ଲାସଭାପତି ଗିରିଶ ପଟେଲ ମାଁ ସମଲେଶ୍ୱରୀଙ୍କ ଏକ ଫଟୋ ଚିତ୍ର ପ୍ରଧାନମନ୍ତ୍ରୀଙ୍କୁ ଭେଟି ଦେଇଥିଲେ।










**ସମ୍ବଲପୁରର ରେମେଡ଼ରେ ବିଶାଳ ଗ୍ୟାରେଣ୍ଟି ସମାବେଶରେ ମୋଦୀ**

# ବିଶିଷ୍ଟ ଚଳଚ୍ଚିତ୍ର ଅଭିନେତା ପଦ୍ମଶ୍ରୀ ସାଧୁ ମେହେରଙ୍କ ପରଲୋକ



ବୌଦ୍ଧ : ବିଶିଷ୍ଟ ଅଭିନେତା, ନିର୍ଦ୍ଦେଶକ, ଲେଖକ ଓ ପ୍ରଯୋଜକ ସାଧୁ ମେହେରଙ୍କ ମୁମ୍ବାଇରେ ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୮୪ ବର୍ଷ ବୟସ ହେଉଥିଲା । ୧୯୪୦ ଜାନୁଆରୀ ୧ ତାରିଖରେ ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକର ଗୁଡ଼ଭେଲି ପଦର ଗ୍ରାମର ଏକ ବୁଣାକାର ପରିବାରରେ ଜନ୍ମ ଗ୍ରହଣ କରିଥିବା ସାଧୁ ମେହେର ପିଲାଦିନରୁ ଅଭିନୟ ପ୍ରତି ଆକର୍ଷିତ ହୋଇଥିଲେ । ୧୯୬୯ ମସିହାରେ ସେ 'ଭୁବନ ସୋମ' କଥାଚିତ୍ରରୁ ଅଭିନୟ ଜୀବନ ଆରମ୍ଭ କରିଥିଲେ । ୧୯୭୪ ମସିହାରେ ଚଳଚ୍ଚିତ୍ର ଅଙ୍କୁର ତାଙ୍କୁ ଜାତୀୟ ସ୍ତରରେ ଜଣେ ଭଲ ଅଭିନେତାର ସ୍ୱିକୃତି ଦେଇଥିଲା । ସେ ୩୦ ରୁ ଅଧିକ ଓଡ଼ିଆ, ବଙ୍ଗଳା ଓ ହିନ୍ଦୀ ଚଳଚ୍ଚିତ୍ରରେ ଅଭିନୟ କରିଥିଲେ । ସର୍ବଶ୍ରେଷ୍ଠ ଅଭିନୟ ପାଇଁ ୧୯୭୪ ରେ ସେ ଜାତୀୟ ପୁରସ୍କାର ଓ ଜୟଦେବ ସମ୍ମାନ ହାସଲ କରିଥିଲେ । ୨୦୧୭ ରେ ଭାରତ ସରକାର ତାଙ୍କୁ ପଦ୍ମଶ୍ରୀ ପୁରସ୍କାର ଦେଇଥିଲେ । ତାଙ୍କ ବିୟୋଗରେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ, ସିନେ ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି ।



ସାପ୍ତାହିକ ସ୍ୱୀକାର
Postal Regd. No.: SBP/RN-01/2022-2024
The Sweekar स्वीकार
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ୰ ଶରତ ନାରାୟଣ ବେହେରା
RNI No. 66443/94
Vol.28 | Issue - 5 | 04 - 10 February 2024 | Sambalpur | Page- 8 | Invitation Price Rs.10



ବର୍ଷ ୨୮, ସଂଖ୍ୟା - ୫, ୦୪ - ୧୦ ଫେବୃଆରୀ ୨୦୨୪

# ବିକାଶର ଭିନ୍ନ ରଙ୍ଗ

ନିର୍ବାଚନ ମୁଣ୍ଡ ଉପରେ ଥିବାବେଳେ ସାମ୍ପ୍ରତିକ ରାଜନୀତି ଦଳ ଗୁଡିକ ବିକାଶର ଭିନ୍ନ ଭିନ୍ନ ରଙ୍ଗ ଦେଖାଉଛନ୍ତି, ନୂଆ ସ୍ୱପ୍ନ ବିନ୍ଧୁଛନ୍ତି । କେନ୍ଦ୍ରର ଶାସକ ଦଳ ଦେଶ ସ୍ୱାଧୀନତାର ଶହେ ବର୍ଷ ୨୦୪୭ ସୁଦ୍ଧା ନୂଆ ଭାରତର ସ୍ୱପ୍ନ ଦେଖାଉ ଥିବାବେଳେ ରାଜ୍ୟର ଶାସକ ଦଳ ସ୍ୱତନ୍ତ୍ର ଓଡ଼ିଶା ଗଠନର ଶତବାର୍ଷିକୀ ୨୦୩୬କୁ ନଜର ରଖୁଛନ୍ତି । ସାମ୍ପ୍ରତିକ ଚିତ୍ର ସମ୍ପୂର୍ଣ୍ଣ ରାଜନୈତିକ ଓ ରଙ୍ଗୀନ ଥିଲେ ମଧ ରାଜନୈତିକ ସ୍ଥିରତା ଯୋଗୁଁ ଲୋକଙ୍କ ମନରେ ଭରସା ରହୁଛି । ଉଭୟ ରାଜ୍ୟ ଓ କେନ୍ଦ୍ରର ଶାସକ ଦଳ କ୍ରମାଗତ ନିର୍ବାଚନ ଜିତିବା, ପ୍ରତି ନିର୍ବାଚନରେ ଅଧିକ ଶକ୍ତିଶାଳୀ ହେବା, ରାଜନୈତିକ ସ୍ଥିରତା ଆଦି ଯୋଗୁଁ ଏହା ସମ୍ଭବ ହୋଇଛି । ଆଗକୁ ଏହା ବିକାଶର ନୂଆ ଦିଶା ଦେଖାଇଛି । କେନ୍ଦ୍ର ସରକାର ନିଜ ଦଳର ବହୁ ବାଞ୍ଛିତ ଅଭିଳାଷ ପୂରଣ କରି ଚାଲିଥିବା ବେଳେ ବାସ୍ତବ ପ୍ରତିଶ୍ରୁତିଠାରୁ ଦୂରେଇ ରହିଛନ୍ତି । ଧାରା-୩୭୦ ଉଚ୍ଛେଦ ଓ ରାମ ମନ୍ଦିର ପ୍ରତିଷ୍ଠା ଏଥିପାଇଁ ଖୋରାକ୍ ଯୋଗାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାର କେତେକ ପ୍ରସଙ୍ଗରେ ଦେଶବାସୀଙ୍କ ହୃଦୟ ଜିତିବାରେ ସଫଳ ହୋଇଛନ୍ତି ।


ସରକାର ବିକାଶର ସଂଜ୍ଞାକୁ ଭିନ୍ନ ଅର୍ଥରେ ବୁଝାଇବାରେ ସଫଳ ହେଉଛନ୍ତି । ସମ୍ପ୍ରତି ନିର୍ବାଚନକୁ ଆଖିରେ ରଖି ଧର୍ମକୁ ମୁଖ୍ୟ ପ୍ରସଙ୍ଗ କରିଦିଆଯାଇଛି । ମନ୍ଦିର ପ୍ରତିଷ୍ଠା ଓ ରୂପାନ୍ତରଣକୁ ବିକାଶ ବୋଲି ଦର୍ଶାଇ ଏହାକୁ ପ୍ରତିଯୋଗିତା ଭିତ୍ତିରେ ମୁଖ୍ୟ ପ୍ରସଙ୍ଗ କରିଦେଇଛନ୍ତି । ଅଯୋଧାରେ ଦୀର୍ଘ ସଂଗ୍ରାମ ପରେ ରାମ ମନ୍ଦିର ପ୍ରତିଷ୍ଠା ସମ୍ପର୍କିତ ପ୍ରଚାର ରାଜନୈତିକ ରୂପ ନେଇଥିବା ବେଳେ ପୁରୀରେ ପରିକ୍ରମା ପ୍ରକଳ୍ପ ମାଧମରେ ଜଗନ୍ନାଥ ମନ୍ଦିରର ଶ୍ରୀବୃଦ୍ଧି ସମ୍ପର୍କିତ ପ୍ରଚାର ପ୍ରତିଯୋଗିତା ଭିତ୍ତିରେ ଚାଲିଛି । ଲୋକଙ୍କ ମଧରେ ଏହା ବେଶ୍ ଉତ୍ସୁକତା ଭରିଦେଇଛି । ମନ୍ଦିର ପ୍ରତିଷ୍ଠା ବା ରୂପାନ୍ତରଣ ଦ୍ୱାରା ଲୋକଙ୍କ ସମସ୍ୟା ଦୂର ହେବ କି ନହେବ ତାହା ଭିନ୍ନ କଥା । କିନ୍ତୁ ଏଥିନେଇ ଚାଲିଥିବା ପ୍ରଚାର ଲୋକଙ୍କୁ ସେମାନଙ୍କ ମୂଳ ସମସ୍ୟା ଠାରୁ ଯେ ଦୂରେଇ ଦେବାରେ ସାହାଯ୍ୟ କରୁଛି ତାହା ନିଶ୍ଚିତ ।

ବାତ୍ୟାବିଧ୍ୱସ୍ତ ଓଡ଼ିଶାର ପୁନର୍ଗଠନ, ଯେକୌଣସି ବିପର୍ଯ୍ୟୟର ମୁକାବିଲାରେ ଶ୍ରେଷ୍ଠତା, ମାଓବାଦର ବିଲୋପ, ଆର୍ଥିକ ବିକାଶ, ଶିକ୍ଷା ଓ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଭଳି ସ୍ୱାସ୍ଥ୍ୟଠାରୁ କ୍ରୀଡ଼ା ପର୍ଯ୍ୟନ୍ତ ଭିତ୍ତିଭୂମିର ବିକାଶ, ମହିଳା ସଶକ୍ତିକରଣ, ନିଯୁକ୍ତି ହାରରେ ଶ୍ରେଷ୍ଠତ୍ୱ, ଶିଳ୍ପ ବିକାଶ ସହ ରାଜ୍ୟକୁ ଆର୍ଥିକ ବିନିଯୋଗ ଅନୁକୂଳ କରିବାରେ ନବୀନ ପଟ୍ଟନାୟକଙ୍କ ସରକାର ସଫଳ ହୋଇଛି । ସର୍ବୋପରି ଇଂରାଜୀରେ 'ଓରିଶା'କୁ 'ଓଡ଼ିଶା' 'ଓରିଆ'କୁ 'ଓଡ଼ିଆ' କରାଯିବା ଏବଂ ୨୦୧୪ରେ ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇବା ଭାଷା ଭିତ୍ତିରେ ଗଠିତ ପ୍ରଥମ ରାଜ୍ୟ ଓଡ଼ିଶା ପାଇଁ ଗୌରବ ଆଣିଥିଲା । ଓଡ଼ିଶା ବହୁ କ୍ଷେତ୍ରରେ ଜାତୀୟ ଓ ଆନ୍ତର୍ଜାତିକ ସ୍ତରରେ ଶୀର୍ଷ ସ୍ଥାନ ଅଧିକାର କରିଥିବା ବେଳେ ଅନେକ ଓଡ଼ିଶା ଓ ଓଡ଼ିଆଙ୍କ ସଫଳତା ତମାମ ବିଶ୍ୱର ଦୃଷ୍ଟି ଆକର୍ଷଣ କରିଛି । ନୂଆ ଓଡ଼ିଶା ଗଠନ ପାଇଁ ବିକାଶମୂଳକ ଯୋଜନାର ଅନେକ 'ମିଶନ' ନୂଆ ପ୍ରଶାସନିକ ଢାଞ୍ଚା କାର୍ଯ୍ୟକାରୀ ହୋଇଛି । ଏଥିପାଇଁ ନୂଆ ବିଭାଗ ଗଠନ କରାଯାଇଛି । ପଞ୍ଚାୟତିରାଜ କ୍ଷେତ୍ରରେ ଓଡ଼ିଶା ଦେଶରେ ସବୁଠୁ ଆଗୁଆ ରାଷ୍ଟ୍ର । ମହିଳାଙ୍କ ପାଇଁ ସଂରକ୍ଷଣ ଅନ୍ୟମାନଙ୍କ ପାଇଁ ଉଦାହରଣ । ବିଶେଷକରି ୨୦୧୪ଠାରୁ ରାଜ୍ୟରେ ପ୍ରତିଦ୍ୱନ୍ଦିତାମୂଳକ ରାଜନୀତିର ଭିତ୍ତି ପଡ଼ିବା ପରଠାରୁ ବିକାଶର ନୂଆ ଧାରା ସୃଷ୍ଟି ହୋଇଛି ।

ଇତିମଧ୍ୟରେ ଓଡ଼ିଶାରେ ଅଖିଳ ଭାରତ ଆୟୁର୍ବିଜ୍ଞାନ ସଂସ୍ଥାନ, ନାଇଜର ଓ ଆଇଜର, ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ଆଇଆଇଏମ୍ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଭଳି ଉଚ୍ଚ ଶିକ୍ଷାନୁଷ୍ଠାନ ଖୋଲିବା ଦ୍ୱାରା ଜାତୀୟ ସ୍ତରର ଦୃଷ୍ଟି ଓଡ଼ିଶା ଉପରେ ପଡ଼ିଛି । ଅଧିକ ବିଶ୍ୱବିଦ୍ୟାଳୟ ସ୍ଥାପନ, ମେଡିକାଲ କଲେଜ ପ୍ରତିଷ୍ଠା, ବିଦ୍ୟାଳୟ ଓ ମହାବିଦ୍ୟାଳୟ ରୂପାନ୍ତରଣ, ଜାତୀୟ ଶୈଳୀରେ ଆଦର୍ଶ ବିଦ୍ୟାଳୟ ସ୍ଥାପନ, ବିଶ୍ୱକପ୍ ହକି ପ୍ରତିଯୋଗିତା ଓ ଏଥିପାଇଁ ସର୍ବବୃହତ୍ ଷ୍ଟାଡିୟମ ପ୍ରତିଷ୍ଠା, ଭାରତୀୟ ହକି ଦଳର ପ୍ରାୟୋଜକ ଭୂମିକା ଭଳି ଅନେକ କାର୍ଯ୍ୟ ହୋଇଛି । ଓଡ଼ିଶା ଦେଶର ଦ୍ରୁତତମ ଅଭିବୃଦ୍ଧି ହାସଲକାରୀ ଅର୍ଥନୀତି ପାଲଟିଛି ।

ଆର୍ଥିକ ପରିଚାଳନାରେ ଓଡ଼ିଶା ଏକ ନମ୍ବର ରାଜ୍ୟ ହୋଇଥିବା ବେଳେ ଅଭିବୃଦ୍ଧି ଓ ମୁଣ୍ଡପିଛା ଆୟ ହାର ଜାତୀୟ ତୁଳନାରେ ଅଧିକ । ଏମିତିକି ଏହା ଜାତୀୟ ହାରକୁ ପଛରେ ପକାଇଛି । ଦାରିଦ୍ର୍ୟ ଦୂରୀକରଣରେ ଓଡ଼ିଶା ଶ୍ରେଷ୍ଠ ହୋଇଛି । ଖାଦ୍ୟ ସୁରକ୍ଷା ଯୋଜନା କାର୍ଯ୍ୟକାରୀ କରିବାରେ ଦେଶର ମାର୍ଗଦର୍ଶକ ପାଲଟିଛି । ମାତୃ ଓ ଶିଶୁ ମୃତ୍ୟୁହାର ହ୍ରାସରେ ଅନ୍ୟ ଆଗୁଆ ରାଜ୍ୟଠାରୁ ଯଥେଷ୍ଟ ଉପରେ ରହିଛି । ରାଜ୍ୟର ରାଜସ୍ୱ ଆୟ ବୃଦ୍ଧି ସହ ବଜେଟ ପରିମାଣ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି । ସରକାରଙ୍କ ଭାଷାରେ ଏହା ରୂପାନ୍ତରଣ । ଏହି ରୂପାନ୍ତରଣର ପରିଭାଷା ବ୍ୟାପକ ; ତେଣୁ ଘୋଷଣା ଅନୁସାରେ ଏକ ବିକଶିତ ରାଜ୍ୟ ଭାବେ ଓଡ଼ିଶାକୁ ଛିଡ଼ା କରିବା ଏବେ ତାଙ୍କ ପାଇଁ ଚାଲେଞ୍ଜ ହୋଇ ରହିଛି । ରାଜ୍ୟ ସରକାର ୨୦୩୦ସୁଦ୍ଧା ରାଜ୍ୟର ସାମଗ୍ରିକ ତଥା ସତତ ବିକାଶ ପାଇଁ ୧୭ଟି ଲକ୍ଷ୍ୟ ଓ ୧୬୯ଟି ନିଶାଣ ଧାର୍ଯ୍ୟ କରିଛନ୍ତି । ଏହା ନାଗରିକ କୈନ୍ଦ୍ରିକ ବୋଲି ଘୋଷଣା କରାଯାଇଛି । ଏଥମଧରେ ପ୍ରମୁଖ ରହିଛି - ଶୂନ୍ୟ ଦାରିଦ୍ର୍ୟ, କ୍ଷୁଧାରୁ ମୁକ୍ତି, ଉତ୍ତମ ସ୍ୱାସ୍ଥ୍ୟ ଓ ସୁସ୍ଥତା, ଉଚ୍ଚ ମାନର ଶିକ୍ଷା, ଲିଙ୍ଗଗତ ସମାନତା, ସ୍ୱଚ୍ଛ ଜଳ ଓ ପରିମଳ, ସହଜ ଉତ୍ତମ କାର୍ଯ୍ୟ ସମ୍ପାଦନ ଓ ଆର୍ଥିକ ଉନ୍ନତି, ଶିଳ୍ପ ତଥା ନବଉନ୍ମେଷ, ଭିତ୍ତିଭୂମି ବିକାଶ, ସାମାଜିକ ଓ ଆର୍ଥିକ ଅସମାନତା ହ୍ରାସ, ସାମାଜିକ ନ୍ୟାୟ ବିକାଶ ଲକ୍ଷ୍ୟ ହାସଲରେ ସହଭାଗିତା ଇତ୍ୟାଦି । ଏଥପାଇଁ ନିରନ୍ତର ଉଦ୍ୟମ ଜାରି ରଖିବାକୁ ଦଳଗତ କାର୍ଯ୍ୟ, ସ୍ୱଚ୍ଛତା, ବୈଷୟିକ ଜ୍ଞାନକୌଶଳ, ଧାର୍ଯ୍ୟ ସମୟରେ କାର୍ଯ୍ୟ ସମ୍ପାଦନ ତଥା ରୂପାନ୍ତରଣ ଆଧାରରେ '୫ଟି' ଢାଞ୍ଚା ଗଠନ କରାଯାଇଛି । ଓଡ଼ିଶାର ଜନସଂଖ୍ୟା ୨୦୩୬ ସୁଦ୍ଧା ୫କୋଟି ୭୭ଲକ୍ଷ ୫୯ହଜାରରେ ପହଞ୍ଚିବ ବୋଲି ଆକଳନ କରାଯାଇଛି ।

ଦେଶର ୧୦ ବିକଶିତ ରାଜ୍ୟ ସହିତ ସମତୁଲ ହେବା ପାଇଁ ଇଣ୍ଟରନେଟ ତଥା ଟେଲି ଯୋଗାଯୋଗ, ସଡ଼କ, ରେଳ ଓ ବିମାନ ଯୋଗାଯୋଗ ବୃଦ୍ଧି, ବନ୍ଦର ପ୍ରତିଷ୍ଠା ସହ ନୌବାଣିଜ୍ୟ ଓ ଜଳପଥର ବିକାଶ, ଜଙ୍ଗଲ ପରିମାଣ ବୃଦ୍ଧି, ଗ୍ରାମ୍ୟ ବିକାଶ, କୃଷି ସହ ସବୁ ଚାଷ ଜମିକୁ ଜଳସେଚନ ସୁବିଧା, ଖଣିଜ ସମ୍ପଦର ସଦୁପଯୋଗ ମାଧମରେ ଶିଳ୍ପର ବିକାଶ, କ୍ଷୁଦ୍ରଶିଳ୍ପକୁ ପ୍ରୋତ୍ସାହନ, ପ୍ରତି ଘରେ ପାନୀୟ ଜଳ ପହଞ୍ଚାଇବା, ରାଜ୍ୟରେ ଅଧିକ ଉଚ୍ଚଶିକ୍ଷାନୁଷ୍ଠାନ ପ୍ରତିଷ୍ଠା, ସ୍ୱୟଂ ସହାୟକ ଗୋଷ୍ଠୀ ଓ ମିଶନ ଶକ୍ତି ଉପଯୋଗରେ ଓଡ଼ିଶାକୁ ଉଚ୍ଚ ଆୟକାରୀ ପ୍ରଦେଶ ସହ ସ୍ୱାବଲମ୍ବୀ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି । ଅତୁଳନୀୟ ଓଡ଼ିଶା ଗଠନ ପାଇଁ ସ୍ୱତନ୍ତ୍ର 'ଭିଜନ ଡକୁମେଣ୍ଟ' ପ୍ରସ୍ତୁତ କରାଯାଉଛି । ସେହିପରି କେନ୍ଦ୍ର ସରକାର ୨୦୪୭ ସୁଦ୍ଧା ଦେଶକୁ 'ବିଶ୍ୱ ଗୁରୁ' ଭାବେ ଉପସ୍ଥାପିତ କରିବା ଓ ବିଶ୍ୱର ଶ୍ରେଷ୍ଠ ଅର୍ଥନୈତିକ ଶକ୍ତି ଭାବେ ପ୍ରତିଷ୍ଠା କରିବା ପାଇଁ ଲକ୍ଷ୍ୟ ରଖୁଛନ୍ତି । ବର୍ତ୍ତମାନର ସରକାରଙ୍କ ଉଦ୍ୟମ ଯୋଗୁଁ ଭାରତ ସମ୍ପ୍ରତି ବିଶ୍ୱର ଏକ ପ୍ରଭାବଶାଳୀ ରାଷ୍ଟ୍ର ଭାବେ ପ୍ରତିଷ୍ଠିତ ହୋଇପାରିଛି । ଭାରତ ଆର୍ଥିକ, ସାମରିକ, କୂଟନୈତିକ ଶକ୍ତି ଭାବେ ସମଗ୍ର ବିଶ୍ୱର ଦୃଷ୍ଟି ଆକର୍ଷଣ କରିପାରିଛି । ଏସବୁ ସତ୍ତ୍ୱେ ବିକାଶର ବାସ୍ତବତା ଓ ସ୍ୱପ୍ନ ମଧରେ ଅନେକ ଦୂରତା ରହିଯାଉଛି । ସରକାରଙ୍କ ଯୋଜନାବଦ୍ଧ ପ୍ରୟାସ ଏହି ଦୂରତା ହ୍ରାସ କରିବ ।



# ମୌନର ଉପାଦେୟତା

## ମହାତ୍ମା ଗାନ୍ଧୀ

ଅନେକ ସମୟରେ ଏହି ବିଚାରଟି ମୋ' ଭିତରକୁ ଆସିଛି ଯେ ସତ୍ୟର ସନ୍ଧାନ କରୁଥିବା ଜଣେ ବ୍ୟକ୍ତିକୁ ନୀରବ ରହିବାକୁ ପଡ଼ିବ । ନୀରବ ରହିବାର ଚମତ୍କାର ଉପାଦେୟତାକୁ ମୁଁ ଜାଣିଛି । ଦକ୍ଷିଣ ଆଫ୍ରିକାରେ ଥରେ ମୁଁ ଏକ ଟ୍ରାପିଷ୍ଟ ବିହାର ଦେଖୁଯାଇଥିଲି । ପ୍ରକୃତରେ ଗୋଟିଏ ଭାରି ସୁନ୍ଦର ଜାଗା । ସେହି ବିହାରର ଅଧିକାଂଶ ଅନ୍ତେବାସୀ ମୌନବ୍ରତ ଅବଲମ୍ବନ କରୁଥିଲେ । ଏପରି କରିବାର ଉଦ୍ଦେଶ୍ୟ ବିଷୟରେ ମୁଁ ସେମାନଙ୍କର ପ୍ରମୁଖଙ୍କୁ ପଚାରିଲି ଏବଂ ସେ ଉଦ୍ଦେଶ୍ୟଟି ଅତ୍ୟନ୍ତ ସ୍ପଷ୍ଟ ବୋଲି ଉତ୍ତରରେ କହିଥିଲେ 'ଆମେ ହେଉଛୁ କ୍ଷୀଣବଳ ଗୋଟିଏ ଗୋଟିଏ ମନୁଷ୍ୟସଭା । ଆମେ କଣ ସବୁ କହୁ, ଅନେକ ସମୟରେ ନିଜେ ମଧ ତାହାର ଅର୍ଥ ଜାଣି ନଥାଉ । ଆମ ଭିତରେ ସତତ କଥା କହୁଥିବା ନିଶ୍ଚଳ କ୍ଷୁଦ୍ର ଆବାଜଟିକୁ ଶୁଣି ପାରିବାକୁ ହେଲେ, ଆମେ ଅନବରତ କଥା କହୁଥିଲେ, ତାହା ଆମକୁ କଦାପି ଶୁଣା ଯିବ ନାହିଁ ।'' ସେହି ମୂଲ୍ୟବାନ ଉପଦେଶଟିକୁ ମୁଁ ବୁଝି ପାରିଥିଲି । ମୁଁ ନୀରବତାର ଗୁପ୍ତ ରହସ୍ୟଟିକୁ ଜାଣିଛି । ମୁଁ ନିଜ ଅଭିଜ୍ଞତାରୁ ଏକଥା ଶିଖିଛି ଯେ, ସତ୍ୟର ଜଣେ ଉପାସକ ନିମନ୍ତେ ନୀରବତା ହେଉଛି ତା' ଆଧାତ୍ମିକ ଶୃଙ୍ଖଳାର ଏକ ଅଂଶ । ଜାଣି କରି ହେଉ ବା ଅଜାଣତରେ ହେଉ, ସତ୍ୟକୁ ଅତିରଞ୍ଜିତ କରି ପକାଇବା, ଦବାଇ ରଖିବା କିମ୍ବା ସେଥିରେ ହେଉ ଫେର କରିବାର ପ୍ରବୃତ୍ତି ହେଉଛି ମନୁଷ୍ୟର ଏକ ସ୍ୱାଭାବିକ ଦୁର୍ବଳତା । ଏବଂ ତାହାକୁ ଅତିକ୍ରମ କରିବାକୁ ହେଲେ ନୀରବ ରହିବା ଏକାନ୍ତ ଆବଶ୍ୟକ । ଅଳପ କଥା କହୁଥିବା ବ୍ୟକ୍ତି କ୍ୱଚିତ୍ ଭାବନାହୀନ ଭାବରେ କିଛି କହି ପକାଇବ । ସିଏ ଆପଣାର ପ୍ରତ୍ୟେକ ଶବ୍ଦକୁ ମାପି କରି ହିଁ କହୁଥିବ । ପାଟିକୁ ସିଲେଇ କରି ଯେଉଁ ନୀରବତା ଅବଲମ୍ବନ କରାଯାଏ, ତାହା ନୀରବତା ନୁହେଁ । ନିଜ ଜିଭକୁ କାଟି ପକାଇଲେ ମଧ ଜଣକୁ ସେହି ଫଳ ମିଳିପାରିବ । ମାତ୍ର, ତାହାକୁ ମଧ ନୀରବତା ବୋଲି କୁହାଯିବ ନାହିଁ । କଥା କହିବାର ସାମର୍ଥ୍ୟ ଥିଲେ ମଧ ଯିଏ ବୃଥା କୌଣସି ଶବ୍ଦ ଉଚ୍ଚାରଣ ନକରେ, ସେଇ ପ୍ରକୃତରେ ନୀରବ । ନୀରବତା ବର୍ତ୍ତମାନ ମୋ' ଲାଗି ଉଭୟ ଏକ ଶାରୀରିକ ଏବଂ ଆଧାତ୍ମିକ ଆବଶ୍ୟକତାରେ ପରିଣତ ହୋଇଗଲାଣି । କାର୍ଯ୍ୟ ଚାପର ବୋଧରେ କିଞ୍ଚିତ ଉପଶମ ଆଣିବା ପାଇଁ ମୁଁ ପ୍ରଥମେ ଏହାର ଅଭ୍ୟାସ କରିଥିଲି । ତା'ପରେ, ଲେଖୁବା ଲାଗି ମଧ ମୋ'ର କିଛି ସମୟ ଆବଶ୍ୟକ ହେଲା । ପରେ, ଅର୍ଥାତ୍ କେତେ କାଳ ଏହାର ଅଭ୍ୟାସ କରିବା ପରେ ମୁଁ ଏଥିରେ ଥିବା ଆଧାତ୍ମିକ ମୂଲ୍ୟଟିକୁ ଆବିଷ୍କାର କରିପାରିଲି । ହଠାତ୍ ମୋ'ର ମନଃପଟରେ ଏହି କଥାଟି ଏକ ହଠାତ୍ ଝଲକପରି ଦେଖାଦେଇ ଚାଲିଗଲା ଯେ ଏହି ନୀରବ ରହିଥିବା ସମୟରେ ହିଁ ମୁଁ ଈଶ୍ୱରଙ୍କ ସହିତ ମଧ ସମ୍ପର୍କ ସ୍ଥାପନ କରିପାରିବି । ବର୍ତ୍ତମାନ ମୁଁ ଅନୁଭବ କରୁଛି, ସତେ ଯେପରି ମୁଁ ସ୍ୱଭାବତଃ ନୀରବ ରହିବା ପାଇଁ ତିଆରି ହୋଇଥିଲି ।

ପ୍ରାର୍ଥନା ଭଗବାନଙ୍କୁ ସ୍ମରଣ କରିବା ପାଇଁ ଓ ହୃଦୟକୁ ଶୁଦ୍ଧ କରିବା ପାଇଁ ନୀରବତା ପାଳନ କରୁଥିବା ସମୟରେ ମଧ ଏହି ପ୍ରାର୍ଥନା କରାଯାଇ ପାରିବ । ବାହ୍ୟ ଯେକୌଣସି କାର୍ଯ୍ୟ ଅପେକ୍ଷା ନୀରବ ପ୍ରାର୍ଥନାକୁ ମୁଁ ଏକ ଅଧିକ ଶକ୍ତିଶାଳୀ ଅସ୍ତ୍ର ବୋଲି ବିଶ୍ୱାସ କରୁଥିବାରୁ, ମୋ'ର ଅସହାୟ ଅବସ୍ଥାଗୁଡ଼ିକ ସମୟରେ ମୁଁ ଅବିରାମ ପ୍ରାର୍ଥନା ହିଁ କରୁଥାଏ । ଏହି ବିଶ୍ୱାସର ପ୍ରାର୍ଥନା କରୁଥାଏ ଯେ ଏକ ଶୁଦ୍ଧ ହୃଦୟର ପ୍ରାର୍ଥନା କଦାପି ବ୍ୟର୍ଥ ହୋଇଯାଏ ନାହିଁ । ନିଜର ଦୃଷ୍ଟାନ୍ତ ଦେଇ ମୁଁ କହିପାରିବି ଯେ, ହୃଦୟ ଭିତରେ ଅନୁଭୂତ ହେଉଥିବା ଏକ ପ୍ରାର୍ଥନା ନିଃସନ୍ଦେହ ଭାବରେ ମନୁଷ୍ୟ ପାଖରେ ସର୍ବାଧିକ ପରିମାଣରେ ଏକ ଶକ୍ତିଶାଳୀ ସାଧନ ହୋଇ ରହିଛି, ଯାହା ଦ୍ୱାରା କି ସେ ଭୀରୁତା ଏବଂ ଆଉ ଯାବତୀୟ ଖରାପ ଓ ପୁରାତନ ଅଭ୍ୟାସ ଉପରେ ବିଜୟ ହାସଲ କରିପାରିବ । ନିଜକୁ ଏକାବେଳେ ଶୂନ୍ୟର ସ୍ତରକୁ ହ୍ରାସ କରି ନ ଆଣିବା ପର୍ଯ୍ୟନ୍ତ ଆମେ କଦାପି ଆମ ଭିତରେ ରହିଥିବା ମନ୍ଦକୁ ଜୟ କରି ପାରିବାନାହିଁ । ନିଜ ଲାଗି ସେହି ଏକମାତ୍ର ଯୋଗ୍ୟ ପ୍ରକୃତ ସ୍ୱାଧୀନତାର ମୂଲ୍ୟସ୍ୱରୂପ ଈଶ୍ୱର ଆମଠାରୁ ପୂର୍ଣ୍ଣ ଆତ୍ମସମର୍ପଣରୁ କମ୍ ଆଦୌ କିଛି ହେଲେ ଦାବି କରନ୍ତି ନାହିଁ ଏବଂ ଏହିପରିଭାବରେ ମନୁଷ୍ୟ ଯେତେବେଳେ ନିଜକୁ ହରାଇଦିଏ, ସେ ତତ୍କ୍ଷଣାତ୍ ନିଜକୁ ଜୀବମାତ୍ରକେ ସମସ୍ତଙ୍କର ସେବାରେ ନିୟୋଜିତ ହୋଇ ରହିଥିବାର ଆବିଷ୍କାର କରେ । ଏହା ହିଁ ତା'ର ଆନନ୍ଦର କାରଣ ହୁଏ, ତାକୁ ମନଃସ୍ଫୁର୍ତ୍ତି ଆଣିଦିଏ । ସେ ଏକ ନୂତନ ମନୁଷ୍ୟରେ ପରିଣତ ହୁଏ, ଈଶ୍ୱରଙ୍କ ସୃଷ୍ଟିର ସେବାରେ ନିଜକୁ ନିୟୋଜିତ କରି ରଖିଥିଲେ ମଧ ସେ ମୋଟେ କ୍ଳାନ୍ତ ହୁଏ ନାହିଁ ।

ଅନ୍ଧକାର ଏବଂ ଆଲୋକର ଶକ୍ତିଚୟ ମଧରେ ମନୁଷ୍ୟର ବକ୍ଷତଳେ ଏକ ଚିରନ୍ତନ ସଂଗ୍ରାମ ଲାଗି ରହିଥାଏ । ନିର୍ଭର କରି ପାରିବା ଲାଗି ଯାହା ପାଖରେ ପ୍ରାର୍ଥନାର ସେହି ଦୃଢ଼ ଆଶ୍ରୟଟି ନଥାଏ ତାକୁ ଅନ୍ଧକାର-ଶକ୍ତିର ହାତରେ ଶିକାର ହୋଇ ରହିବାକୁ ହୋଇଥାଏ । ପ୍ରାର୍ଥନାର ମନୁଷ୍ୟ ନିଜ ସହିତ ଶାନ୍ତି ସ୍ଥାପନା କରି ରହିଥାଏ, ସମଗ୍ର ପୃଥିବୀ ସହିତ ମଧ ଶାନ୍ତି ସ୍ଥାପନ କରି ରହିଥାଏ । ମାତ୍ର, ଏକ ପ୍ରାର୍ଥନାରତ ହୃଦୟ ନଥାଇ ଯେଉଁ ମନୁଷ୍ୟ ପୃଥିବୀର ବିଷୟ ଗୁଡ଼ିକରେ ପ୍ରବେଶ କରିଥାଏ, ତାହକୁ ଦୁର୍ଗତି ଭିତରେ ପଡ଼ି ରହିବାକୁ ହୁଏ ଏବଂ ପୃଥିବୀକୁ ମଧ ସେ ଦୁର୍ଗତିଗ୍ରସ୍ତ କରି ରଖିଥାଏ ।

ଏକମାତ୍ର ପ୍ରାର୍ଥନା ହିଁ ଆମର ଦୈନନ୍ଦିନ କାର୍ଯ୍ୟାବଳୀରେ ଶୃଙ୍ଖଳା ଏବଂ ଶାନ୍ତି ଆଣିବାକୁ ସମର୍ଥ ହୁଏ । ତୁମେ ଏହି ଅସଲ ବସ୍ତୁଟି ବିଷୟରେ ସାବଧାନ ଥିବ, ତେବେ ଆଉ ସବୁ କିଛି ସୁବ୍ୟବସ୍ଥିତ ହୋଇ ଅବଶ୍ୟ ରହିବ । ଗୋଟିଏ ବର୍ଗକ୍ଷେତ୍ରର ଗୋଟିଏ କୋଣକୁ ହିଁ ସଂଶୋଧନ କରିନେଲେ ଅନ୍ୟ କୋଣଗୁଡ଼ିକ ମଧ ଆପଣାଛାଏଁ ଠିକ୍ ହୋଇଯିବେ । ପ୍ରାର୍ଥନାକୁ ଆମେ ଆଦୌ ଜଣେ ବୃଦ୍ଧା ନାରୀର ଅଳସ ଚିତ୍ତବିନୋଦନ ବୋଲି କହିପାରିବା ନାହିଁ । ଯଥାର୍ଥ ଭାବରେ ବୁଝି ତାହାର ପ୍ରୟୋଗ କରିପାରିଲେ ଏହା ଯାବତୀୟ କାର୍ଯ୍ୟରେ ଏକ ସର୍ବାଧିକ ଶକ୍ତିଶାଳୀ ସାଧନରେ ପରିଣତ ହୋଇଯାଏ । ଯେତେବେଳେ ମନ ସମ୍ପୂର୍ଣ୍ଣ ଭାବରେ ସେହି ଈଶ୍ୱରଙ୍କ ଚେତନା ଦ୍ୱାରା ପୂର୍ଣ୍ଣ ହୋଇ ରହିଥାଏ, ସେତେବେଳେ କୌଣସି ମନୁଷ୍ୟ ପ୍ରତି ଅସତ୍ ଇଚ୍ଛା ଅଥବା ଘୃଣା ପୋଷଣ କରିବା ଆଦୌ ସମ୍ଭବ ହୁଏନାହିଁ ଏବଂ ସମାନୁପାତିକ ଭାବରେ, ଶତ୍ରୁ ମଧ ତା'ର ଶତ୍ରୁତାକୁ ପରିହାର କରେ ଏବଂ ବନ୍ଧୁରେ ପରିଣତ ହୋଇଯାଏ । ଶତ୍ରୁମାନଙ୍କୁ ବନ୍ଧୁରେ ଦୀକ୍ଷିତ କରାଇ ଆଣି ପାରିଛି ବୋଲି ମୁଁ ଆଦୌ ଦାବି କରୁନାହିଁ; ମାତ୍ର ବହୁସଂଖ୍ୟକ କ୍ଷେତ୍ରରେ ମୋ'ର ଏହି ଅନୁଭୂତି ହୋଇଛି ଯେ, ଯେତେବେଳେ ମନ ଈଶ୍ୱରଙ୍କର ଉପସ୍ଥିତି ଦ୍ୱାରା ପୂର୍ଣ୍ଣ ହୋଇ ରହିଥାଏ, ସେତେବେଳେ ସମସ୍ତ ଘୃଣା ଅନ୍ତର୍ହିତ ହୋଇଯାଏ । କାଳର ଆରମ୍ଭରୁ ବିଶ୍ୱ ଶିକ୍ଷକମାନଙ୍କର ଏକ ଅବିଚ୍ଛିନ ଧାରା ଏହି କଥାଟିର ପ୍ରମାଣ ହୋଇ ରହିଛି । ମୁଁ ଏଥିଲାଗି ଆଦୌ କୌଣସି ପ୍ରଶଂସା ଦାବି କରୁନାହିଁ । ଏହା ଯେ ସମ୍ପୂର୍ଣ୍ଣଭାବରେ ଈଶ୍ୱର-କରୁଣାର ପରିଣାମ, ମୁଁ ତାହା ଜାଣିଛି । ଏକ ଖଳ ହୃଦୟ ରହିଥିବା ବ୍ୟକ୍ତି କଦାପି ସର୍ବବିଶୁଦ୍ଧକାରୀ ଈଶ୍ୱର-ସାନ୍ନିଧ ବିଷୟରେ ସଚେତନ ହୋଇ ପାରିବ ନାହିଁ ।

ଈଶ୍ୱର ଆମ ନୀତିରେ ନୁହେଁ, ତାଙ୍କ ନୀତିରେ ହିଁ କୌଣସି ପ୍ରାର୍ଥନାର ଉତ୍ତର ଦିଅନ୍ତି । ଈଶ୍ୱର ମନୁଷ୍ୟର ରୀତିଠାରୁ ତାଙ୍କର ରୀତିଗୁଡ଼ିକ ସମ୍ପୂର୍ଣ୍ଣ ଭିନ୍ନ, ତେଣୁ ସେଗୁଡ଼ିକ ଅତ୍ୟନ୍ତ ଅବୋଧ । ପ୍ରାର୍ଥନା ପଛରେ ବିଶ୍ୱାସ ନିହିତ ରହିଥାଏ । କୌଣସି ପ୍ରାର୍ଥନା ବ୍ୟର୍ଥ ହୁଏନାହିଁ । ଅନ୍ୟ ଯେକୌଣସି କାର୍ଯ୍ୟ ଯେପରି, ପ୍ରାର୍ଥନା ମଧ ଠିକ୍ ସେହିପରି । ଆମେ ଦେଖୁ ବା ନ ଦେଖୁ, ତାହା ଫଳ ଧରିବାରେ ଲାଗିଥାଏ । ହୃଦୟରୁ ଉଚ୍ଚାରିତ ପ୍ରାର୍ଥନା ତଥାକଥିତ କାର୍ଯ୍ୟଠାରୁ ଅନେକ ଗୁଣରେ ଅଧିକ ଶକ୍ତିଶାଳୀ ହୋଇ ରହିଥାଏ ।

# ଦହିର ଉପକାରିତା

କୁହାଯାଏ, କୌଣସି ଶୁଭକାକମରେ ଯିବା ପୂର୍ବରୁ ଦହି ଖାଇ ଗଲେ ସଫଳତା ମିଳିଥାଏ । ଦହି ମଧ ସ୍ୱାସ୍ଥ୍ୟ ପାଇଁ ଖୁବ୍ ଉପକାରୀ । ଏଥିରେ ପ୍ରୋଟିନ୍, କ୍ୟାଲସିୟମ, ରାଇବୋଫ୍ଲାବିନ୍, ଭିଟାମିନ୍ ବି ପରି ପୋଷକ ତତ୍ତ୍ୱ ରହିଛି । କ୍ଷୀର ଅପେକ୍ଷା ଏହା ଶୀଘ୍ର ହଜମ ହୋଇଯାଏ ଏବଂ ଦାନ୍ତ ତଥା ଅସ୍ଥିକୁ ମଜବୁତ କରିବା ଲାଗି କ୍ୟାଲସିୟମ ପରିମାଣ କ୍ଷୀର ଅପେକ୍ଷା ଦହିରେ ୧୮ ଗୁଣ ଅଧିକ ରହିଥାଏ ।

ନିୟମିତ ଦହି ଖାଇବା ଶରୀର ଲାଗି ଅମୃତ ସମାନ । ଏହା ରକ୍ତାଳ୍ପତା ଏବଂ ଦୁର୍ବଳତା ଦୂର କରେ । ଭୋକ କମ୍ ବା ହେଉ ନଥିଲେ ଦହି ଖୁବ୍ ଉପକାରୀ ।

ପେଟ ଗରମ ହେଉଥିଲେ ଦହିଲସି ପିଇ ପାରିବେ । ପେଟର ଅନ୍ୟାନ୍ୟ ରୋଗରେ ବି ସୈନ୍ଧବ ଲବଣ ଏବଂ ଦହି ମିଶାଇ ପିଇବା ଉଚିତ । ନିୟମିତ ଦହି



ଖାଇଲେ ଆଉ ରୋଗ ତଥା ପେଟ ସମ୍ବନ୍ଧୀୟ ରୋଗ ହୁଏନାହିଁ ବୋଲି ଆମେରିକୀୟ ଖାଦ୍ୟ ବିଶେଷଜ୍ଞ ମତ ଦିଅନ୍ତି ।

ହୃଦରୋଗ, ଉଚ୍ଚରକ୍ତଚାପ, କିଡନୀ ରୋଗକୁ ରୋକିବାରେ ଦହିର ଅଜବ କ୍ଷମତା ରହିଛି । ହେଙ୍ଗୁ ଛୁଙ୍କ ଦେଇ ଦହି ଖାଇଲେ ଗଣ୍ଠିବ୍ୟଥାରେ ଉପକାର ମିଳେ । କୋଷ୍ଠକାଠିନ୍ୟ, ଅର୍ଶରେ ପୀଡିତ ବ୍ୟକ୍ତି ଦ୍ୱିପ୍ରହର ଖାଦ୍ୟ ପରେ ଏକ ଗ୍ଲାସ୍ ଘୋଳଦହିରେ ଜୁଆଣି ପକାଇ ପିଇବା ଉଚିତ ।

ପତଳା ଲୋକଙ୍କୁ ଦହିରେ କିସ୍‌ମିସ୍, ବାଦାମ ଆଦି ମିଶାଇ ଖାଇବାକୁ ଦେଲେ ଓଜନ ବଢ଼େ । ସେହିପରି ଖାଲି ଦହି ଖାଇଲେ ଶରୀରର ବେକାର ଚର୍ବି ଦୂର ହୋଇଥାଏ ।

ପାଟିରେ କଳଖିଆ ହୋଇଥିଲେ ଦହିର ସର ଦିନକୁ ସେଥିରେ ୨ ବା ୩ ଥର ଲଗାଇବା ଉଚିତ । ଦହି ଓ ମହୁ ସମାନ ପରିମାଣରେ ମିଶାଇ ସକାଳ ସନ୍ଧ୍ୟାରେ ସେବନ କଲେ ବି ଉପକାର ମିଳେ । ଦେହରୁ ଝାଳଗନ୍ଧ ହେଉଥିଲେ ଦହି ଏବଂ ବେସନର ମିଶ୍ରଣ ମାଲିସ୍ କରି କିଛି ସମୟ ପରେ ଗାଧୋଇ ପଡନ୍ତୁ ।

ପିଲାମାନଙ୍କର ଦାନ୍ତ ଉଠୁଥିଲେ ଦହି ସହ ମହୁ ମିଶାଇ ସେମାନଙ୍କୁ ଚଟାଇବେ । ଶୀଘ୍ର ଦାନ୍ତ ଉଠିଯିବ ।

ରାତିରେ ନିଦ ହେଉ ନଥିଲେ ଦହି କିମ୍ବା ଲସି ପିଇବା ଲାଭଦାୟକ ହୋଇଥାଏ ।

ଦହିଭାତ ଏକ ଅତି ଉପାଦେୟ ଭାରତୀୟ ଖାଦ୍ୟ ଯାହା ଦେଶର ଚାରିଗୋଟି ଦକ୍ଷିଣୀ ରାଜ୍ୟ ତାମିଲନାଡୁ, ଆନ୍ଧ୍ରପ୍ରଦେଶ, କେରଳ ଏବଂ କର୍ଣ୍ଣାଟକରେ ବିଶେଷ ଭାବେ ଲୋକପ୍ରିୟ । ଏହାକୁ ଦ୍ୱିପ୍ରହର କିମ୍ବା ରାତିରେ ବି ଖିଆଯାଏ । ଅନେକେ ପେଟ ଖରାପ ଥିଲେ ଦହି ଏବଂ ଭାତ ଖାଇଥାନ୍ତି । ତେବେ ଏହା କେବଳ ପେଟ ସମ୍ପର୍କିତ ସମସ୍ୟାରୁ ମୁକ୍ତି ଦିଏନି ବରଂ ଏକାଧିକ ସ୍ୱାସ୍ଥ୍ୟ ସମସ୍ୟାରେ ଉପକାରୀ ସାବ୍ୟସ୍ତ ହୋଇଥାଏ ।

**ମେଦବହୁଳତା:** ଭାତ ଖାଇଲେ ମୋଟା ହୋଇଯାନ୍ତି ବୋଲି ଅନେକଙ୍କର ଧାରଣା । ତେବେ ଦହିଭାତ ଖାଇଲେ ମୋଟା ହେବା ବଦଳରେ ମେଦବହୁଳତା କମିଥାଏ । ଏଥିରେ କମ୍ କ୍ୟାଲୋରି ଥିବାରୁ ସବୁ ଛାଡି କେବଳ ଦହିଭାତ ଖାଆନ୍ତୁ ।

# ଘିଅ ଖାଇ ସୁସ୍ଥ ରହନ୍ତୁ

ଅନେକ ବର୍ଷ ତଳେ ଭାରତର ପ୍ରତ୍ୟେକ ପ୍ରାନ୍ତରେ କେବଳ ଘିଅ ହିଁ ବ୍ୟବହୃତ ହେଉଥିଲା, ତେବେ ମୋଗଲ ଶାସନ ପରେ ଭାରତରେ ବିଭିନ୍ନ ରକମର ତେଲରେ ଖାଦ୍ୟ ପ୍ରସ୍ତୁତିର ମୂଳଦୁଆ ଭାରତରେ ଆରମ୍ଭ ହୋଇଥିଲା । ଘିଅର ଉପଯୋଗିତା ବିଭିନ୍ନ ବିଜ୍ଞାନ ପତ୍ରିକା ତଥା ୱେବସାଇଟରେ ଉପଲବ୍ଧ ହେବା ପରେ ଏବେ ଅନ୍ତର୍ଜାତୀୟ ବଜାରରେ ମଧ ଘିଅର ଲୋକପ୍ରିୟତା ବଢ଼ିଥିବା ପ୍ରକାଶ । ପ୍ରତ୍ୟହ ଘିଅ ସେବନ କଲେ ତ୍ୱଚାରେ ବିଶେଷ ଚମକ ଆସିବା ସହ ଶୁଷ୍କ ହୋଇ ନ ଥାଏ ।



ଘିଅରେ ଥିବା ଭିଟାମିନ୍ ଏ ଆଖିର ଜ୍ୟୋତିକୁ ବଢ଼ାଇବା ସହ ଗ୍ଲୁକୋମା ରୋଗରୁ ରକ୍ଷା କରେ ।

ଆଣ୍ଠୁଗଣ୍ଠି ରୋଗ କିମ୍ବା ବାର୍ଦ୍ଧକ୍ୟରେ ଆକ୍ରାନ୍ତ ହେବା ପରେ ଶରୀର ପୀଡ଼ା ହେଲେ ଘିଅର ଉପଯୋଗ ବିଭିନ୍ନ ବ୍ୟଞ୍ଜନରେ କରିବା ଉଚିତ ।

ଆଣ୍ଟିଅକ୍ସିଡାଣ୍ଟରେ ଭରପୂର ଘିଅ ଖାଦ୍ୟକୁ ଶୀଘ୍ର ହଜମ କରିଥାଏ । ଏଣୁ ଘିଅ ଖାଇଲେ ବଦହଜମ ହେବା ଆଶଙ୍କା ଆଦୌ ନାହିଁ ବୋଲି ବିଶେଷଜ୍ଞଙ୍କ ମତ । ନିଜ ସ୍ମୃତିଶକ୍ତିକୁ ବୟସ୍କ ଲୋକେ ଠିକ୍ ରଖିବାକୁ ଚାହୁଁଥିଲେ, ଶୁଦ୍ଧ ଘିଅର ଉପଯୋଗ ଖାଦ୍ୟରେ କରିବା ସବୁଠୁ ଉଚିତ୍ ଉପାୟ ।

# ମହୌଷଧି ଅଁଳା

ଆୟୁର୍ବେଦରେ ଅଁଳା ଫଳର ଉପଯୋଗିତା ସମ୍ପର୍କରେ ଅନେକ ବର୍ଣ୍ଣନା କରାଯାଇଛି । ଅନେକ ବର୍ଷ ପୂର୍ବେ ଏହି ଫଳର ବ୍ୟବହାର କରାଯାଇ ବିଭିନ୍ନ ରୋଗର ଉପଚାର କରାଯାଉଥିଲା । ଭିଟାମିନ୍ 'ସି'ର ଉତ୍ତମ ସ୍ରୋତ ଭାବେ ଜଣାଯାଉଥିବା ଏହି ଫଳକୁ



ନିୟମିତ ଖାଇବା ସ୍ୱାସ୍ଥ୍ୟ ଉପରେ ଅନେକ ଉତ୍ତମ ପ୍ରଭାବ ପକାଇଥାଏ । ମିଥିଳାର ବୟୋଜ୍ୟେଷ୍ଠ ଆୟୁର୍ବେଦ ବିଶେଷଜ୍ଞଙ୍କ ମତରେ ଅଁଳାକୁ ପ୍ରତ୍ୟହ ଖାଇଲେ ତାହା ରକ୍ତଶୋଧକ ପାଚକ, ଅଜୀର୍ଣ୍ଣ, ବଦହଜମୀ ନିମନ୍ତେ ମହୌଷଧି ପରି କାମ କରିଥାଏ । ଯୁବତୀ ତଥା ମହିଳାମାନେ ନିରନ୍ତର ଅଁଳା ଗୁଣ୍ଡ କିମ୍ବା ଅଁଳା ଫଳ ଖାଇଲେ ସେମାନଙ୍କ କେଶ ଝଡା ସମସ୍ୟା ସମ୍ପୂର୍ଣ୍ଣ ଭାବେ ଦୂର ହୋଇଥାଏ । ଏହା ସହ ତ୍ୱଚାରେ ମଧ ଚମକ ଆସିଥାଏ । ପିଲାବେଳୁ ନିୟମିତ ଭାବେ ଅଳ୍ପ ପରିମାଣରେ ଅଁଳା ଖାଇବାର ଅଭ୍ୟାସ କଲେ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼େ ।

# ଅଧିକ ଲୁଣରୁ ପାକସ୍ଥଳୀ କର୍କଟ ଆଶଙ୍କା

ଅତ୍ୟଧିକ ଲୁଣ ଖାଇବା ଦ୍ୱାରା ଉଚ୍ଚ ରକ୍ତଚାପ ଓ ହୃଦରୋଗ ମୁଖ୍ୟ କାରଣ ବୋଲି ଏକ ଅଧୟନରୁ ଜଣାପଡିଛି । ଏହା ସହ



ପାକସ୍ଥଳୀ କର୍କଟ ରୋଗ ମଧ ହେବାର ସମ୍ଭାବନା ରହିଛି । ହେଲିକୋ ବ୍ୟାକ୍ଟର ପାଇଲୋରି ଜୀବାଣୁର ସଂକ୍ରମଣରେ ମୁଖ୍ୟତଃ ପେଟରେ କର୍କଟ ହୋଇଥାଏ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ନିୟମ ଅନୁଯାୟୀ, ପ୍ରତିଦିନ ୫ ଗ୍ରାମରୁ ଅଧିକ ଲୁଣ ଖାଇବା ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ । ଏହା ସହ ପ୍ରତିଦିନ ଡାଏଟରେ ଲୁଣର ପରିମାଣ କମ୍ ରହିବା ଆବଶ୍ୟକ । ଆଥରେଟନଙ୍କ କହିବା ଅନୁଯାୟୀ ଆମେରିକାରେ ଲୋକମାନେ ପ୍ରତ୍ୟେକ ଦିନ ୬ ଗ୍ରାମରୁ ଅଧିକ ଲୁଣ ଖାଆନ୍ତି ନାହିଁ । ଯାହା ଫଳରେ ସେମାନଙ୍କୁ କର୍କଟ ଓ ଅନ୍ୟ ସ୍ୱାସ୍ଥ୍ୟ ଜନିତ ଅସୁବିଧାର ସମ୍ମୁଖୀନ ହେବାକୁ ପଡେ ନାହିଁ ।

# ଶରୀର ପାଇଁ ହିତକାରୀ ଖଜୁରି



ଖଜୁରୀକୁ ଶୁଖାଇ ଖଜୁରା ପ୍ରସ୍ତୁତ କରାଯାଏ । ଏଥିରେ ପ୍ରଚୁର ପରିମାଣର କ୍ୟାଲସିୟମ, ଆୟରନ ଓ ପୋଷକ ତତ୍ତ୍ୱ ରହିଥାଏ । ଅନ୍ୟ ଫଳମାନଙ୍କ ସହ ଖାଇବା ଦ୍ୱାରା ଏଥିରେ ଥିବା ଭିଟାମିନ୍ ଦ୍ୱିଗୁଣିତ ହୋଇଯାଇଥାଏ । ଖଜୁରୀରେ କୋଲେଷ୍ଟ୍ରୋଲର ଭାଗ ନିୟନ୍ତ୍ରଣ ହୋଇଥାଏ । ଦୁଗ୍ଧ ସହ ଖଜୁରୀ ଖାଇବା ଦ୍ୱାରା ଏହାର ଉପକାରିତା ବଢ଼ି ଯାଇଥାଏ ।

ଖଜୁରୀରେ ପ୍ରଚୁର ପରିମାଣରେ ଭିଟାମିନ୍, ମିନେରାଲ, ଫାଇବର ଭଳି ପୋଷକତତ୍ତ୍ୱ ଥାଏ ଯାହା ଶରୀରକୁ ଶକ୍ତି ଯୋଗାଏ ।

ଖଜୁରୀରେ ବହୁ ମାତ୍ରାରେ ଫାଇବର ଥିବା ହେତୁ ଶରୀରର ପାଚନ କ୍ରିୟାକୁ ଠିକ୍ ରୂପେ ସନ୍ତୁଳନ କରିବା ସହ ମେଦନିୟନ୍ତ୍ରଣ କରିଥାଏ । ସୁଗାର ମଧ ନିୟନ୍ତ୍ରିତ ହୋଇ ରହିଥାଏ ।

# ଆପଣ ଜାଣନ୍ତି କି ?

- ଭାରତୀୟ ମୁଦ୍ରାର ପ୍ରଚଳନ ଖ୍ରୀ.ପୂ ଷଷ୍ଠ ଶତାବ୍ଦୀରେ ହୋଇଥିଲା । ପ୍ରାଚୀନ ଓ ମଧ୍ୟଯୁଗ ଏବଂ ମୋଗଲ ଶାସନକାଳରେ କେବଳ ମୁଦ୍ରାର ପ୍ରଚଳନ ଥିଲା । ତା' ପରେ ଆଧୁନିକ ଟଙ୍କାର ଅଗ୍ରଦୂତ ସାଜିଲେ ଶେରଶାହା ସୁରୀ ।
- କାଗଜ ନୋଟର ପ୍ରଚଳନ ଅଷ୍ଟାଦଶ ଶତାବ୍ଦୀରେ ହୋଇଥିଲା । ପ୍ରଥମେ ଏହି କାଗଜ ମୁଦ୍ରାର ପ୍ରଚଳନ କରିଥିଲେ ବ୍ୟାଙ୍କ ଅଫ୍ ହିନ୍ଦୋସ୍ତାନ୍, ବଙ୍ଗର ଜେନେରାଲ୍ ବ୍ୟାଙ୍କ ଓ ବେଙ୍ଗଲ୍ ବ୍ୟାଙ୍କ ।
- ଭାରତ ସରକାରଙ୍କ ପ୍ରଥମ ନୋଟ୍ ସିରିଜ୍‌ରେ ମହାରାଣୀ ଭିକ୍ଟୋରିଆଙ୍କ ଛପା ରହିଥିବା ବେଳେ ୧୮୬୭ ରେ ଏଥିରେ ପରିବର୍ତ୍ତନ ଘଟିଥିଲା ।
- ୧୯୩୫ ରେ ଭାରତୀୟ ରିଜର୍ଭ ବ୍ୟାଙ୍କ ଆନୁଷ୍ଠାନିକ ଭାବେ ଆରମ୍ଭ ହେଲା । ତା' ସହିତ ଭାରତ ସରକାରଙ୍କୁ ନୋଟ୍ ଜାରି କରିବାର ଅଧିକାର ମିଳିଥିଲା । ପ୍ରଥମ ଥର ପାଇଁ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ୫ ଟଙ୍କିଆ ନୋଟ୍‌ରେ ସମ୍ରାଟ ଷଷ୍ଠ ଜର୍ଜଙ୍କ ଛବି ଥାଇ ପ୍ରଚଳନ ଆରମ୍ଭ କରାଯାଇଥିଲା ।
- ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ ଇତିହାସରେ ମୁଦ୍ରିତ ହୋଇଥିବା ସର୍ବାଧିକ ମୂଲ୍ୟର ନୋଟ୍ ହେଉଛି ୧୦,୦୦୦ ଟଙ୍କା ୧, ୦୦୦ ରୁ ୧୦,୦୦୦ ଟଙ୍କା ଯାଏ ନୋଟର ପ୍ରଚଳନ ୧୯୩୮ ରୁ ୧୯୪୬ ମଧରେ ହୋଇଥିଲା । ପରେ ଏହାର ପ୍ରଚଳନକୁ ବନ୍ଦ୍ କରାଯାଇଥିଲା ।
- ସେହିଭଳି ୧,୦୦୦, ୫,୦୦୦ ଓ ୧୦,୦୦୦ ଟଙ୍କିଆ ନୋଟ୍ ୧୯୫୪ ରେ ପୁନଃ ପ୍ରଚଳନ ହୋଇଥିଲା ଏବଂ ୧୯୭୮ ରେ ପୁଣି ଥରେ ବନ୍ଦ୍ କରି ଦିଆଗଲା ।

# କହିପାରିବେ କି ?

(୧) ଗୁମ୍‌ନାମ ସିନେମା କେଉଁ ପୁସ୍ତକର ଲେଖା ଉପରେ ଆଧାରିତ ?
(୨) ଦକ୍ଷିଣର କେଉଁ ନେତାଙ୍କୁ ଥଲାପଥୀ କୁହାଯାଏ ?
(୩) ଅଗଷ୍ଟ ୧୫ କୁ ଟ୍ରାନ୍ସଫର ଅଫ୍ ପାୱାର ଦିବସ ରୂପେ କାହିଁକି ପାଳନ କରାଗଲା ?
(୪) ଭାରତର ପ୍ରଥମ ନିର୍ବାଚନ କମିଶନରଙ୍କ ନାମ କ'ଣ ?
(୫) ୪୦ ବର୍ଷ ବୟସ ହେବା ପରେ କେଉଁ ବୋଲର ୯୬ ଟି ଟେଷ୍ଟ ୱିକେଟ୍ ନେଇଥିଲେ ?
(୬) ଅଲିମ୍ପିକ୍ କାଉନସିଲ ଅଫ୍ ଏସିଆର ମୁଖ୍ୟ କାର୍ଯ୍ୟାଳୟ କେଉଁଠାରେ ଅବସ୍ଥିତ ?
(୭) ଏସିଆନ୍ ଗେମ୍ସରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ପ୍ରଥମ ଭାରତୀୟ ମହିଳା କିଏ ?
(୮) କେଉଁ ଭାରତୀୟ ଆଥ୍‌ଲେଟ୍ ୨୦୦୨ ମସିହା ଏସିଆନ୍ ଗେମ୍ସରେ ୧୫୦୦ ମିଟର ରେସରେ ରେକର୍ଡ ସ୍ଥାପନ କରିଥିଲେ ?
(୯) ୨୦୧୪ ଏସିଆନ୍ ଗେମ୍ସର କେଉଁ ବିଭାଗରେ ଭାରତର ଉଭୟ ପୁରୁଷ ଓ ମହିଳା ସ୍ୱର୍ଣ୍ଣ ହାସଲ କରିଥିଲେ ?
(୧୦) ୨୦୧୪ ଏସିଆନ୍ ଗେମ୍ସର ଉଦ୍‌ଘାଟନୀ ସମାରୋହରେ ଭାରତୀୟ ଦଳର ନେତୃତ୍ୱ କିଏ ନେଇଥିଲେ ?

## JUMBLE WORDS

| | | | |
|---|---|---|---|
| 1) PAYOS | = | 6) CEUNO | = |
| 2) CRIEI | = | 7) EWYTAS | = |
| 3) SCECAS | = | 8) DALIRA | = |
| 4) HORTAT | = | 9) RIHPC | = |
| 5) MRFEA | = | 10) UOYSP | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ?** ର ଉତ୍ତର :-

୧.ମୁମ୍ବାଇ, ୨.ଦୁବାଇର ହୋଟେଲ ଜୋଭେରା, ୩.ଡବ୍ଲୁ ଜି ଗ୍ରେସ୍, ୪.ଟିମ୍ କୁକ୍, ୫.ପି.ସି ମହାଲାନୋବିସ୍, ୬.କୋରିଆ ଓ କଙ୍ଗୋ, ୭.ଜ୍ୟାକ୍ ହବ୍ସ, ୮.ସ୍କୁଲ ଶିକ୍ଷକ, ୯. ପାକିସ୍ତାନର ପୂର୍ବତନ ରାଷ୍ଟ୍ରପତି ଜେନେରାଲ ଆୟୁବ ଖାଁ, ୧୦. ଜ୍ୟାକ୍ ହବ୍ସ ।

***Jumble Words*** ର ଉତ୍ତର **:-**

(1) BANANA (2) HANDLE (3) SUSHI (4) TWINE (5) PARODY
(6) GROUND (7) GECKO (8) CANAL (9) STRAND (10) EXHALE

# ସମ୍ବଲପୁରରେ ରାଜ୍ୟସ୍ତରୀୟ ପାଲା କଳାକାର ସମାବେଶ








ସମ୍ବଲପୁର : ସାପ୍ତାହିକ 'ସ୍ୱୀକାର' ପକ୍ଷରୁ ଦୁଇ ଦିନିଆ ରାଜ୍ୟସ୍ତରୀୟ ପାଲା କଳାକାର ସମାବେଶ ଅନୁଷ୍ଠିତ ହୋଇଯାଇଛି । ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅର୍କ କୁମାର ଦାସ ମହାପାତ୍ର ଏହି ସମାବେଶକୁ ଉଦ୍‌ଘାଟନ କରିଥିଲେ ।

ବିଶିଷ୍ଟ ଶିକ୍ଷାବିତ ଅରବିନ୍ଦ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ପ୍ରଫେସର ଦାସ ମହାପାତ୍ର କହିଥିଲେ ଯେ, ପାଲା ସମାଜକୁ ଦିଗଦର୍ଶନ ଦେଇଥାଏ । କୋଟି କୋଟି ଟଙ୍କାରେ ନିର୍ମିତ ହେଉଥିବା ସିନେମା ଗୁଡିକ ସମାଜରେ ବିଶେଷ ପ୍ରଭାବ ପକାଇପାରୁ ନ ଥିବା ବେଳେ ସ୍ୱଳ୍ପ ପାରିଶ୍ରମିକରେ ପାଲା କଳାକାର ମାନେ ସମାଜକୁ ପ୍ରଭାବଶାଳୀ ଢଙ୍ଗରେ ଦିଗଦର୍ଶନ ଦେଇଥାନ୍ତି । ତେଣୁ ପାଲା ସବୁ ଦିନ ପାଇଁ ଅମର ହୋଇ ରହିବ । ବିଶିଷ୍ଟ ସଂସ୍କୃତି ଗବେଷକ ପ୍ରାଧ୍ୟାପକ ଡକ୍ଟର ଶ୍ୟାମ ସୁନ୍ଦର ଧର ମୁଖ୍ୟବକ୍ତା ରୂପେ ଯୋଗ ଦେଇ ସମାଜରେ ପାଲା ସଂସ୍କୃତିର ପ୍ରଭାବ ଉପରେ ବିସ୍ତୃତ ଆଲୋଚନା କରିଥିଲେ ।

ସମଲେଶ୍ୱରୀ ପାଲା ପରିଷଦର ସଭାପତି ରାଧେଶ୍ୟାମ ପଣ୍ଡା ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ଓଡ଼ିଶାର ବିଦଗ୍ଧ କଳା ପାଲାକୁ ବଞ୍ଚାଇ ରଖିବା ପାଇଁ କଳାକାର ମାନେ ଉଦ୍ୟମ କରିବାକୁ ଆହ୍ୱାନ ଦେଇଥିଲେ ।

ଉଦ୍‌ଯାପନୀ ଉତ୍ସବରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଏନ. ନାଗରାଜୁ ମୁଖ୍ୟ ଅତିଥି ରୂପେ ଯୋଗଦେଇ କହିଥିଲେ ଯେ, ସମ୍ପ୍ରତି ଗ୍ରାମାଞ୍ଚଳରେ ହିଁ ଲୋକକଳା ବଞ୍ଚି ରହିଛି । ସପ୍ତଦଶ ଶତାବ୍ଦୀ ପର୍ଯ୍ୟନ୍ତ ଆମ ଦେଶରେ ଲୋକକଳା ବଞ୍ଚି ରହିଥିଲା । କିନ୍ତୁ ବ୍ରିଟିଶ ଶାସନ କାଳରେ ସେମାନେ ଆମ ସଂସ୍କୃତିକୁ ନଷ୍ଟ କରିବାର ଉଦ୍ୟମ କରିଥିଲେ । ତେବେ ସ୍ୱାଧୀନତାର ପରବର୍ତ୍ତୀ କାଳରେ ଗ୍ରାମାଞ୍ଚଳରେ ଗ୍ରାମବାସୀ ଓ ଲୋକକଳାକାର ମାନଙ୍କ ଉଦ୍ୟମରେ ଲୋକକଳା ବଞ୍ଚି ରହିଛି । ଏହି ସଂସ୍କୃତିକୁ ବଞ୍ଚାଇ ରଖିବା ପାଇଁ ସର୍ବାନ୍ତାକାରଣରେ ଉଦ୍ୟମ ହେବା ଆବଶ୍ୟକ ବୋଲି ସେ ମତ ଦେଇଥିଲେ ।

ପ୍ରାଧ୍ୟାପକ ଡକ୍ଟର ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ ଓ ସଂସ୍କୃତି ଗବେଷକ ଡକ୍ଟର ଶ୍ୟାମ ସୁନ୍ଦର ଧର ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ପାଲାର ଇତିହାସ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ ସିଦ୍ଧେଶ୍ୱରୀ ଧର୍ମ ସଂସଦ ପକ୍ଷରୁ ଦେବଗଡ଼ ଜିଲ୍ଲାର ପାଲା ଗାୟକ ବୃଷକେତୁ ନାଏକ, ବରଗଡ଼ ଜିଲ୍ଲାର ପାଲା ଗାୟକ ଶେଷଦେବ ଦନ୍ତା ଓ ଝାରସୁଗୁଡା ଜିଲ୍ଲାର ପାଳିଆ କ୍ଷୀରଧର ବାଗଙ୍କୁ ସମ୍ମାନିତ କରାଯାଇଥିଲା । ପାଲା ଗାୟକ ଅଣ୍ଡାରାମ ଭୋଇ, ରାଧେଶ୍ୟାମ ପଣ୍ଡା, ପ୍ରମିଳା ବେହେରା, ଶେଷଦେବ ଦନ୍ତା, ଅନ୍ତର୍ଯ୍ୟାମୀ ପାଇକ, ପୃଥୁଳ ଝାଙ୍କର ତାଙ୍କ ଦଳ ସହ ପାଲା ପରିବେଷଣ କରିଥିଲେ । ପୂର୍ବାହ୍ନରେ ଅନୁଷ୍ଠିତ 'ପାଲାର ସାମ୍ପ୍ରତିକ ସ୍ଥିତି ଓ ଭବିଷ୍ୟତ' ଶୀର୍ଷକ ଆଲୋଚନାଚକ୍ରରେ ଢେଙ୍କାନାଳ ଜିଲ୍ଲାର ବିଶିଷ୍ଟ ପାଲା ଗାୟକ ତଥା ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ଡକ୍ଟର ଦୁର୍ଗା ମାଧବ ପୃଷ୍ଟି, ଆଇନଜୀବି ଦୀନଦୟାଲ ଅଗ୍ରୱାଲ, ସମଲେଶ୍ୱରୀ ପାଲା ପରିଷଦର ଅଧ୍ୟକ୍ଷ ରାଧେଶ୍ୟାମ ପଣ୍ଡା, ସିଦ୍ଧେଶ୍ୱରୀ ଧର୍ମ ସଂସଦର ସଭାପତି ଗୋପୀନାଥ ଷଡ଼ଙ୍ଗୀ, ଅବସରପ୍ରାପ୍ତ ଅଧ୍ୟାପିକା ନର୍ମଦା ପଣ୍ଡା ଓ ପାଲା କଳାକାର ମାନେ ଅଂଶଗ୍ରହଣ କରି ଓଡ଼ିଶାର ଏହି ବିଦଗ୍ଧ କଳା ପାଲାକୁ ବଞ୍ଚାଇବା ନିମନ୍ତେ ସରକାର ସମସ୍ତ ପ୍ରକାର ଉଦ୍ୟମ ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ । ଆୟୋଜକ 'ସ୍ୱୀକାର'ର ସମ୍ପାଦକ ହେମନ୍ତ କୁମାର ମହାପାତ୍ର ସ୍ୱାଗତ ଭାଷଣ ଓ ସମାବେଶର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ ।

## ଯୋଗଦେଲେ ନୂଆ ଜିଲ୍ଲାପାଳ ଅଗ୍ରୱାଲ ଅକ୍ଷୟ ସୁନୀଲ

ସମ୍ବଲପୁର: ସମ୍ବଲପୁର ଜିଲ୍ଲାର ନୂତନ ଜିଲ୍ଲାପାଳ ଭାବେ ଅଗ୍ରୱାଲ ଅକ୍ଷୟ ସୁନୀଲ ଯୋଗ ଦେଇଛନ୍ତି । ୨୦୧୯ ଆଇଏଏସ୍ ଅଧିକାରୀ ଅଗ୍ରୱାଲ୍ ଅକ୍ଷୟ ସୁନୀଲ ପୂର୍ବରୁ ମୟୁରଭଞ୍ଜରେ ଅତିରିକ୍ତ ଜିଲ୍ଲାପାଳ ଭାବେ କାର୍ଯ୍ୟରତ ଥିଲେ । 'ମିଶନ



ନବରଙ୍ଗପୁର କୋଡ଼ସ' ଅଭିଯାନ ମାଧ୍ୟମରେ ଅଗ୍ରୱାଲ୍ ଅକ୍ଷୟ ସୁନୀଲ ରାଜ୍ୟରେ ନୂଆ ଇତିହାସ ସୃଷ୍ଟି କରିଥିଲେ । ୨୨ ହଜାର ଛାତ୍ରଛାତ୍ରୀଙ୍କୁ ମାଗଣାରେ କୋଚିଂ ଶିକ୍ଷା ପ୍ରଦାନ କରିବା କ୍ଷେତ୍ରରେ ତାଙ୍କର ଏହି ପଦକ୍ଷେପକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଥିଲା । ପରେ ସେ ମୟୁରଭଞ୍ଜକୁ ଅତିରିକ୍ତ ଜିଲ୍ଲାପାଳ ଭାବେ ବଦଳି ହୋଇଥିଲେ ।

## DECLARATION

I hitherto known as SHIVAM S/o NEERAJ KUMAR SINHA, Resident of B-301, GREENPARK APARTMENTS, Sakhipada, Sambalpur, Odisha have changed my name and shall hereafter be known as SHIVAM SINHA. I hereby declare that Shivam and Shivam Sinha is one and the same person. It is certified that I have complied with other legal requirements in this connection

## ଗୋରଖପୁର-ହଟିଆ ମୌର୍ଯ୍ୟ ଏକ୍ସପ୍ରେସ ସେବା ସମ୍ବଲପୁର ପର୍ଯ୍ୟନ୍ତ ସମ୍ପ୍ରସାରଣ



ସମ୍ବଲପୁର: ଗୋରଖପୁର- ହଟିଆ ମୌର୍ଯ୍ୟ ଏକ୍ସପ୍ରେସକୁ ସମ୍ବଲପୁର ପର୍ଯ୍ୟନ୍ତ ସେବା ବୃଦ୍ଧି କରିବାକୁ ନିଷ୍ପତ୍ତି ନିଆଯାଇଛି ବୋଲି ରେଳ, ଯୋଗାଯୋଗ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି । ସମ୍ବଲପୁର ରେଳ ଷ୍ଟେସନ ନୀରିକ୍ଷଣ କରୁଥିବାବେଳେ ଶ୍ରୀ ବୈଷ୍ଣବ କହିଛନ୍ତି ଯେ, ଗୋରଖପୁର-ହାଟିଆ ଏକ୍ସପ୍ରେସର ସମ୍ପ୍ରସାରଣ ଏହି ଅଞ୍ଚଳର ଯାତ୍ରୀମାନଙ୍କୁ ବିଶେଷ କରି ସମ୍ବଲପୁର, ବରଗଡ, ଝାରସୁଗୁଡା ଏବଂ ସୁନ୍ଦରଗଡ ଜିଲ୍ଲାର ଯାତ୍ରୀମାନଙ୍କୁ ଯାତ୍ରା ସୁବିଧା ଯୋଗାଇବ । ସମ୍ବଲପୁର ରେଳ ଷ୍ଟେସନର ପୁନର୍ବିକାଶ କରାଯାଉଛି । ସମ୍ବଲପୁର ରେଳ ଷ୍ଟେସନର ପୁନର୍ବିକାଶ ପ୍ରାୟ ୩୭୦ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବ । ଏହି ଷ୍ଟେସନ ମାଧ୍ୟମରେ ସହରର ଉଭୟ ପାର୍ଶ୍ୱ ସଂଯୋଗ ହୋଇପାରିବ । ସମ୍ବଲପୁର ରେଳ ଷ୍ଟେସନରେ ସମସ୍ତ ଆଧୁନିକ ସୁବିଧା ଯୋଗାଇ ଦିଆଯିବ ବୋଲି ସେ କହିଥିଲେ । ଏଠାରେ ଉଲ୍ଲେଖଯୋଗ୍ୟ ଯେ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ଟ୍ରେନକୁ ସମ୍ବଲପୁର ପର୍ଯ୍ୟନ୍ତ ସମ୍ପ୍ରସାରିତ କରିବା ପାଇଁ ରେଳ ମନ୍ତ୍ରୀଙ୍କୁ ଚିଠି ଲେଖି ଅନୁରୋଧ କରିଥିଲେ ।

## ସମ୍ବଲପୁରରେ ଯୋଗଦେଲେ ଆଇଜି ହିମାଂଶୁ ଲାଲ

ସମ୍ବଲପୁର : ଉତ୍ତରାଞ୍ଚଳ ପୁଲିସ ରେଞ୍ଜ ନୂଆ ଆଇଜି ଭାବେ ହିମାଂଶୁ ଲାଲ ଯୋଗ ଦେଇଛନ୍ତି । ୨୦୦୩ ବ୍ୟାଚ୍ ଆଇପିଏସ୍ ହିମାଂଶୁ ଏହା ପୂର୍ବରୁ ପୂର୍ବାଞ୍ଚଳ ପୁଲିସ ରେଞ୍ଜ ଆଇ.ଜି ଦାୟିତ୍ୱରେ ଥିଲେ । ନିକଟରେ ଶ୍ରୀ ଲାଲ ତାଙ୍କର ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ରାଜ୍ୟପାଳଙ୍କ ଠାରୁ ପଦକ ଗ୍ରହଣ କରିଛନ୍ତି । ବାହାନଗା ରେଳ ଦୁର୍ଘଟଣାରେ ପୁଲିସ ଟିମ୍‌ର ମଙ୍ଗ ଶ୍ରୀ ଲାଲ ଧରିବା ସହ ପ୍ରଶଂସନୀୟ ସେବା ଯୋଗାଇଥିଲେ । ଭୁବନେଶ୍ୱରର ସେବା ଭବନରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ତାଙ୍କୁ ସମ୍ମାନିତ କରିଥିଲେ । ବର୍ତ୍ତମାନ ଶ୍ରୀ ଲାଲଙ୍କୁ ଉତ୍ତରାଞ୍ଚଳ ରେଞ୍ଜ ଦାୟିତ୍ୱ ଦିଆଯାଇଛି । ଶ୍ରୀ ଲାଲ ପୂର୍ବରୁ ମଧ୍ୟ ଉତ୍ତରାଞ୍ଚଳ ରେଞ୍ଜର ଦାୟିତ୍ୱରେ ଥିବାରୁ ରେଞ୍ଜ ଉପରେ ତାଙ୍କର ଅଭିଜ୍ଞତା ରହିଛି ।



## ନନ୍ଦ କିଶୋର ମିଶ୍ର (ରାଣା)ଙ୍କ ଅକାଳ ବିୟୋଗ

ସମ୍ବଲପୁର: ଝାଡ୍ରୁଆପଡ଼ା ନିବାସୀ ଯୁବ ଆଇନଜୀବୀ ନନ୍ଦକିଶୋର ମିଶ୍ର (ରାଣା)ଙ୍କ ହୃଦ୍‌ଘାତରେ ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୪୨ ବର୍ଷ ବୟସ ହୋଇଥିଲା । ଆଇନଜୀବୀ ସ୍ୱର୍ଗତ ଜ୍ଞାନସ୍ୱରୂପ ମିଶ୍ର ତଥା ସୁହାସିନି ମିଶ୍ରଙ୍କ ପୁତ୍ର ରାଣା ସ୍ୱୟଂ ସେବକ ସଂଘର ସକ୍ରିୟ ସଦସ୍ୟ ଥିବାସହ ବିଶ୍ୱ ହିନ୍ଦୁ ପରିଷଦ, ଭାରତୀୟ ଜନତା ପାର୍ଟି, ବିଶ୍ୱାତ୍ମ ଚେତନା ପରିଷଦ ସହ ଜଡ଼ିତ ଥିଲେ । ଅଯୋଧାରେ ଶ୍ରୀରାମଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ପାଳନ



ଅବସରରେ ସମ୍ବଲପୁରକୁ ଆସିଥିବା ଅକ୍ଷତ କଳସ ମାଧ୍ୟମରେ ନିମନ୍ତ୍ରଣ ପତ୍ର ବଣ୍ଟନ କାର୍ଯ୍ୟକ୍ରମରେ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ । ସେ ଜଣେ ମିଷ୍ଟଭାଷୀ, ମେଳାପୀ ବ୍ୟକ୍ତି ଥିଲେ । ତାଙ୍କ ପଛରେ ମା', ପତ୍ନୀ ନିଶା ଓ ଦୁଇପୁଅ ଓ ପରିବାରବର୍ଗ ଅଛନ୍ତି । ସ୍ଥାନୀୟ ରାଜଘାଟରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ ଭାଇ ପ୍ରାଣକିଶୋର ମୁଖାଗ୍ନି ଦେଇଥିଲେ । ବିଶ୍ୱାତ୍ମ ଚେତନା ପରିଷଦ ସମ୍ବଲପୁର ଶାଖାର ସମ୍ପାଦକ ଥିବା ଶ୍ରୀ ମିଶ୍ରଙ୍କ ବିୟୋଗରେ ପରମେଶ୍ୱର ଦାଶଙ୍କ ଅଧ୍ୟକ୍ଷତାରେ ଏକ ଶୋକସଭା ଅନୁଷ୍ଠିତ ହୋଇ ଅମର ଆତ୍ମାର ସଦଗତି କାମନା କରାଯାଇଥିଲା । ତାଙ୍କ ସମ୍ମାନାର୍ଥେ ସ୍ଥାନୀୟ ବିଶ୍ୱାତ୍ମ ବିଦ୍ୟାମନ୍ଦିର ଦିନକ ପାଇଁ ଛୁଟି ଘୋଷଣା କରାଯାଇଥିଲା ।

## ମୀରା ମହାପାତ୍ରଙ୍କ ପରଲୋକ

ସମ୍ବଲପୁର : ବୁଢ଼ାରଜା ପଧାନପଡ଼ା ନିବାସୀ ମୀରା ମହାପାତ୍ରଙ୍କ ଭୁବନେଶ୍ୱରସ୍ଥିତ ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୫୩ ବର୍ଷ



ବୟସ ହୋଇଥିଲା । ସେ ଦୀର୍ଘ ଦିନ ହେବ ଅସୁସ୍ଥ ଥିଲେ । ସେ ଜଣେ ଧର୍ମ ପରାୟଣା, ମେଳାପୀ ଓ ମିଷ୍ଟଭାଷୀ ମହିଳା ଥିଲେ । ତାଙ୍କ ପଛରେ ସ୍ୱାମୀ ମନୋଜ ମହାପାତ୍ର, ପୁଅ ମାନବ ଓ ପରିବାରବର୍ଗ ଅଛନ୍ତି । ସ୍ଥାନୀୟ ରାଜଘାଟରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି । ପୁଅ ମାନବ ଓ ପୁତୁରା ରଶ୍ମି, ମାନସ ଓ ରଜତ ମୁଖାଗ୍ନି ଦେଇଥିଲେ । ସ୍ୱର୍ଗତ ମୀରା ବୁଢ଼ାରଜା ନିବାସୀ ଉଦ୍ଧବ ମହାପାତ୍ରଙ୍କର ଭାଇବୋହୂ ଥିଲେ ।